Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 10-11

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 09-16 ମାର୍ଚ୍ଚ 2017 09-16 ଅମାନ୍ 1396 ହି.ଶ 09-16 ଯମାଦିଲ୍ ସାନି 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

ମୁଁ ପବିତ୍ର କୋରାନ୍ ଓ ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କ ଅନୁସରଣରେ ତିଳେମାତ୍ର ଏପଟ ସେପଟ ହେବାକୁ ବିଶ୍ୱାସ ଘାତକ ମନେ କରୁଛି । ମୋର ବିଶ୍ୱାସ ଯେ ଯଦି କେହି ତାଙ୍କ ଶିକ୍ଷାର ଛୋଟ ଆଦେଶକୁ ମଧ୍ୟ ହାତଛଡ଼ା କରିଥାଏ, ସେ ନର୍କଗାମୀ ହୁଏ । ଏହି ବିଶ୍ୱାସକୁ କେବଳ ଅଭିଭାଷଣରେ ନୁହେଁ ବରଂ ମୁଁ ନିଜର ଷାଠିଏଟି ପୁସ୍ତକରେ ବେଶ୍ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରିଅଛି ।

ମୁଁ ସତ କହୁଅଛି ଏବଂ ଅଲ୍ଲାଃଙ୍କ ପ୍ରତିଜ୍ଞା କରି କହୁଅଛି ଯେ, ମୋର ଯମାଅତ ମୁସଲମାନ ଅଟେ ଏବଂ ହଜ୍‌ରତ୍ ମହମ୍ମଦ ସ:ଆ:ସ ଓ ପବିତ୍ର କୋରାନ୍ ଉପରେ ସେହିପରି ବିଶ୍ୱାସ ରଖୁଛନ୍ତି ଯେପରିକି ଜଣେ ସଚ୍ଚୋଟ ମୁସଲମାନ ବିଶ୍ୱାସ ରଖିବା ଉଚିତ୍ । ମୁଁ ଇସ୍‌ଲାମୀୟ ନିୟମରୁ ତିଳେ ହେଲେ ବାହାରକୁ ଯିବା ନିଜକୁ ଧ୍ୱଂସ ହେବା ମଣିଥାଏ ।

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ମୁଁ ଅତ୍ୟନ୍ତ ଦୁଃଖ ଓ ଦରଦ୍‌ର ସହିତ କହୁଅଛି କି ମୁସଲମାନମାନେ ମୋର ବିରୁଦ୍ଧାଚରଣରେ କେବଳ ଶିଘ୍ରତା ପ୍ରଦର୍ଶନ କରି ନାହାଁନ୍ତି ବରଂ ଅତ୍ୟନ୍ତ କଠୋର ଆଚରଣ ମଧ୍ୟ କଲେ । କେବଳ ଗୋଟିଏ କଥାରେ ସେମାନେ ମୋ ସହ ଏକମତ ନଥିଲେ ଏବଂ ତାହା ହ:ମସିଙ୍କ ମୃତ୍ୟୁବରଣ କରିବା ଯାହାକି ମୁଁ ପବିତ୍ର କୋରାନ୍, ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କ ସୁନ୍ନତ, ସାହାବାଙ୍କ ଏକମତ, ଜ୍ଞାନ, ପୁରାତନ ପୁସ୍ତକ ଆଦି ଦ୍ୱାରା ପ୍ରମାଣ କରିଦେଲି ଏବଂ ହନ୍‌ଫି ବିଶ୍ୱାସ, ହଦିସ ଓ କଳ୍ପନା ଇତ୍ୟାଦିର ସ୍ୱଷ୍ଟ ପ୍ରମାଣ ଆଜି ମୋ ସପକ୍ଷରେ ରହିଛି । କିନ୍ତୁ ଉକ୍ତ ଧର୍ମବିଶ୍ୱାସୀମାନେ ମୋ ଘୋଷଣା ସମ୍ବନ୍ଧରେ ମୋତେ ପଚାରି ମୋ ଠାରୁ ତାହାର ପ୍ରମାଣ ଶୁଣିନେବା ପୂର୍ବରୁ ହିଁ ମୋତେ ମୋ ବିରୁଦ୍ଧାଚରଣ ତଥା ମୋ ବିରୋଧରେ ଯାଚ୍ଛା ତାହା କହି ମୋତେ ଅମାନ୍ୟକାରୀ କହିବାକୁ ପଛେଇଲେ ନାହିଁ । ନ୍ୟାୟ, ଧର୍ମପରାୟଣ ଓ ଉତମ ଲୋକମାନଙ୍କ ପାଇଁ ଆବଶ୍ୟକ ଥିଲା କି ପ୍ରଥମେ ମୋତେ ପଚାରି ବୁଝିଥାନ୍ତେ । ଯଦି ମୁଁ ଅଲ୍ଲାଃ ଓ ରସୁଲଙ୍କ କହିବା ଠାରୁ ତିଳେ ହେଲେ ଆଗକୁ ବଢ଼ିଯାଇଥାନ୍ତି ତେବେ ନିଃସନ୍ଦେହ ସେମାନଙ୍କ ଅଧିନ ଓ କର୍ତବ୍ୟ ଥିଲା କି ସେମାନେ ଯାହା ଇଛା କହିଥାନ୍ତେ ଯେପରିକି ଦଜ୍ଜାଲ, କଜ୍ଜାବ(ମିଥ୍ୟାବାଦୀ) ଆଦି କହୁଛନ୍ତି । କିନ୍ତୁ ଯେପରିକି ମୁଁ ପ୍ରାରମ୍ଭରୁ କହି ଆସୁଛି ଯେ, ମୁଁ ପବିତ୍ର କୋରାନ୍ ଓ ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କ ଅନୁସରଣରେ ତିଳେମାତ୍ର ଏପଟ ସେପଟ ହେବାକୁ ବିଶ୍ୱାସ ଘାତକ ମନେ କରୁଛି । ମୋର ବିଶ୍ୱାସ ଯେ ଯଦି କେହି ତାଙ୍କ ଶିକ୍ଷାର ଛୋଟ ଆଦେଶକୁ ମଧ୍ୟ ହାତଛଡ଼ା କରିଥାଏ, ସେ ନର୍କଗାମୀ ହୁଏ । ଏହି ବିଶ୍ୱାସକୁ କେବଳ ଅଭିଭାଷଣରେ ନୁହେଁ ବରଂ ମୁଁ ନିଜର ଷାଠିଏଟି ପୁସ୍ତକରେ ବେଶ୍ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରିଅଛି ଏବଂ ଦିବାରାତ୍ରୀ ମୋତେ ଏହି ଚିନ୍ତା ଘାରୁଛି । ଦେଖ ଯଦି ଏହି ବିରୋଧକାରୀମାନେ ଅଲ୍ଲାଃଙ୍କୁ ଭୟ କରୁଥାନ୍ତେ ତେବେ କଣ ସେମାନଙ୍କର କର୍ତବ୍ୟ ନଥିଲା କି ସେମାନେ ଆସି କହିଥାନ୍ତେ କି ଅମକ କଥା ଇସ୍‌ଲାମ୍‌ରେ ନାହିଁ । ତେବେ ତାହାର ତୁମେ କ'ଣ ଉତର ଦେଉଛ । ଏପରି କରିବା ପରିବର୍ତେ ସେମାନେ ସିଧାସଳଖ ମୋତେ କାଫିର୍ କହିଦେଲେ । ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟତାର ସହ ସେମାନଙ୍କର ଏହି ହରକତ୍‌କୁ ଦେଖୁଅଛି । କାରଣ ପ୍ରଥମତଃ ହ:ଇଶାଙ୍କର ମରିବା ଓ ଜୀବିତ ରହିବା ସମସ୍ୟା ଏପରି ନୁହେଁ କି ଇସ୍‌ଲାମ୍‌ର ଅନ୍ତର୍ଭୁକ୍ତ ହେବା ପାଇଁ ଏହା ସର୍ତ ଅଟେ କାରଣ ଏଠାରେ ମଧ୍ୟ ହିନ୍ଦୁ ଓ ଖ୍ରୀଷ୍ଟିୟାନ୍‌ମାନେ ମୁସଲ୍‌ମାନ ହେଉଛନ୍ତି । କିନ୍ତୁ କଣ ସେମାନଙ୍କଠାରୁ ଏହି ରାଜିନାମା ନିଆଯାଉଅଛି ? ଏତତ୍‌ବ୍ୟତୀତ କି ***ଆମନ୍‌ତୁ ବିଲ୍‌ଲାହି ୱ ମଲାଇକାତିହି ୱ କୁତୁବିହି ୱ ରସୁଲିହି ୱଲ୍ କଦ୍‌ରେ ଖୈରିହି ୱ ଶର୍‌ରିହି ମିନ୍‌ଲଲାହି ତାଲା ୱଲ୍‌ବାଅସ୍ ବାଦଲ୍ ମୌତ୍ ।*** ଯେତେବେଳେ ଉକ୍ତ ତଥ୍ୟ ଇସ୍‌ଲାମ୍‌ର ଅଂଶ ବିଶେଷ ନୁହେଁ ତେବେ ମୋର ମସିହ୍‌ଙ୍କ ମୃତ୍ୟୁ ସମାଚ୍ଚର ଦେବାରେ ଏଭଳି କଠୋର ଓ ଅତ୍ୟାଚ୍ଚର କାହିଁକି ପ୍ରଦର୍ଶନ କରାଯାଇ ମୋତେ କାଫିର୍, ଦଜ୍ଜାଲ୍ କହି ମୋତେ ମୁସଲ୍‌ମାନଙ୍କ କବରସ୍ଥାନରେ କବର ନ ଦେବା ଯୋଗ୍ୟର ପ୍ରଚାର କାହିଁ କରାଯାଉଅଛି । ପୁଣି ମୋର ଧନ ସମ୍ପତି ଲୁଟି ନେବା ଆମ ମହିଳାମାନଙ୍କ ସହ ବିବାହ ନକରି ଘରେ ରଖିବା ଇତ୍ୟାଦି ତଥା ଆମକୁ ହତ୍ୟା କରିବା ପୁଣ୍ୟ ଅର୍ଜନ କରିବା ଆଦି ପ୍ରଚାର କରାଯାଉଅଛି । ସମୟ ଥିଲା ଯେତେବେଳେ ଏହି ମୌଲବିମାନେ ହିଁ ଚିତ୍କାର କରି କହୁଥିଲେ କି ଯଦି ଜଣକର ୯୯ ପ୍ରକାର କୁଫର୍ କରିବା ପ୍ରମାଣିତ ହୁଏ ଏବଂ ମାତ୍ର ଗୋଟିଏ କାର୍ଯ୍ୟ ଇସଲାମୀୟ ହୁଏ ତେମେ ମଧ୍ୟ ତା'ଉପରେ କୁଫରର ଫତୱ୍ୱ (ନିଷ୍ପତି) ଦିଆଯାଇପାରିବ ନାହିଁ ବରଂ ସେ ମୁସଲମାନ ଅଟେ । କିନ୍ତୁ ସେମାନଙ୍କୁ ଜଣା ନାହିଁ ବର୍ତମାନ କଣ ହୋଇଯାଇଛି । କଣ ମୁଁ ଏପରି ନିମ୍ନ ଶ୍ରେଣୀର ଅଟେ । କଣ ମୁଁ ଓ ମୋର ମାନ୍ୟକାରୀମାନେ ଅଶହଦୁଅଲ୍ଲାଇଲାହା ଇଲ୍‌ଲ୍ଲାଃ ୱ ଅଶହଦୁଅନ୍‌ନ୍ନା ମହମ୍ମଦନ୍ ଅବଦୁହୁ ୱ ରସୁଲୁହୁ ପାଠ କରୁ ନାହାଁନ୍ତି ? କଣ ମୁଁ ନମାଜ ପାଠ କରୁ ନାହିଁ ? କଣ ମୋ ମାନ୍ୟକାରୀମାନେ (ନମାଜ) ପଢୁ ନାହାଁନ୍ତି ? କଣ ଆମେ ରୋଜା ରଖୁନାହୁଁ ? କଣ ଆମେ ସେ ସମସ୍ତ ନୀୟମାବଳୀର ପାଳନ କରୁନାହୁଁ ଯାହାକି ହଜ୍‌ରତ୍ ମହମ୍ମଦ ସ:ଆ:ସଲାମ୍ ନିର୍ଦ୍ଦେଶ ଦେଇଛନ୍ତି ?

ମୁଁ ସତ କହୁଅଛି ଏବଂ ଅଲ୍ଲାଃଙ୍କ ପ୍ରତିଜ୍ଞା କରି କହୁଅଛି ଯେ, ମୋର ଯମାଅତ ମୁସଲମାନ ଅଟେ ଏବଂ ହଜ୍‌ରତ୍ ମହମ୍ମଦ ସ:ଆ:ସ ଓ ପବିତ୍ର କୋରାନ୍ ଉପରେ ସେହିପରି ବିଶ୍ୱାସ ରଖୁଛନ୍ତି ଯେପରିକି ଜଣେ ସଚ୍ଚୋଟ ମୁସଲମାନ ବିଶ୍ୱାସ ରଖିବା ଉଚିତ୍ । ମୁଁ ଇସ୍‌ଲାମୀୟ ନିୟମରୁ ତିଳେ ହେଲେ ବାହାରକୁ ଯିବା ନିଜକୁ ଧ୍ୱଂସ ହେବା ମଣିଥାଏ । ମୋର ବିଶ୍ୱାସ ଏହା ଯେ ଯେଭଳି ଜଣେ ଅଲ୍ଲାଃଙ୍କ କୃପା, ବିଭୁତି ଓ ସାନିଧ୍ୟ ଲାଭ କରିପାରେ ତାହା କେବଳ ମାତ୍ର ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କ ଆଜ୍ଞାକାରୀ ଓ ଆପଣଙ୍କ ସହ ସମ୍ପର୍କ ଯୋଡ଼ିବା ଓ ଭଲପାଇବା

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଦ୍ୱାରା ହିଁ ହାସଲ କରିପାରିବା ନଚେତ୍ ଏହା ସମ୍ଭବ ନୁହେଁ । ଆପଣଙ୍କୁ ବାଦ ଦେଇ ବର୍ତ୍ତମାନ ପୁଣ୍ୟ ଅର୍ଜନ କରିବାର କୌଣସି ପନ୍ଥା ନାହିଁ । ହଁ ଏହା ମଧ୍ୟ ସତ୍ୟ ଅଟେ ଯେ ମୁଁ ହଜ୍‌ରତ୍ ଇଶା ଆ:ସଙ୍କୁ ସ୍ୱଶରୀରରେ କଦାପି ଆକାଶ ମାର୍ଗକୁ ଯାଇଛନ୍ତି ବୋଲି ଓ ଏପର୍ଯ୍ୟନ୍ତ ଜିବୀତ ଅଛନ୍ତି ବୋଲି କଦାପି ବିଶ୍ୱାସ କରେନାହିଁ । କାରଣ ଏପରି ବିଶ୍ୱାସ କରିବା ଦ୍ୱାରା ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କ ଅମାନ୍ୟ ଓ ଅସମ୍ମାନ ହୋଇଥାଏ । ମୁଁ ଗୋଟିଏ ମୁହୂର୍ତ୍ତ ପାଇଁ ଏଭଳି ବିଶ୍ୱାସ କରିପାରିବି ନାହିଁ । ସମସ୍ତେ ଜାଣିଛନ୍ତି ଯେ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ୬୩ ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ ଏବଂ ମୋଦିନାରେ ଆପଣଙ୍କ ପବିତ୍ର କବର୍ ରହିଛି । ପ୍ରତ୍ୟେକ ବର୍ଷ ଲକ୍ଷ୍ୟାଧିକ ହାଜି ସେଠାକୁ ଯାଇଥାନ୍ତି । ବର୍ତ୍ତମାନ ମସିହଙ୍କୁ ମୃତ୍ୟୁ ମଣିବା ଅବା ତାଙ୍କୁ ମୃତ ଘୋଷଣା କରିବା ଦୁଷ୍କାମି ଓ ଅଭଦ୍ରାମି କାହିଁକି ମନେ କରାଯାଉଛି । ଯେତେବେଳେ କି ତୁମେମାନେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସମ୍ବନ୍ଧରେ ବେଶ୍ ଖୁସିର ସହିତ କହିଦେଉଛ ଯେ ଆପଣ ସ:ଆ:ସ ମୃତ୍ୟୁବରଣ କରିସାରିଛନ୍ତି । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଜନ୍ମ ଦିବସ ଅବସରରେ ମଲୁଦ୍‌ଖୁଆଁ ଆପଣଙ୍କ ମୃତ୍ୟୁର ଘଟଣା ବେଶ୍ ସୁନ୍ଦର ସ୍ୱରରେ ପାଠ କରିଥାନ୍ତି ଏବଂ ଅମାନ୍ୟକାରୀଙ୍କ ସମ୍ମୁଖରେ ତୁମେ ସ୍ୱୀକାର କରିନେଉଛ ଯେ ହଜ୍‌ରତ୍ ସ:ଆ:ସଙ୍କର ଦେହାନ୍ତ ହୋଇସାରିଛି । ତେବେ ମୁଁ ବୁଝିପାରୁନାହିଁ ଯେ ହଜ୍‌ରତ୍ ଇଶାଙ୍କ ଦେହାନ୍ତକୁ ସ୍ୱୀକାର କରିବାରେ ସେମାନଙ୍କୁ କାହିଁକି କଷ୍ଟ ହେଉଛି ଓ ଆଖି ନୀଳ ବର୍ଣ୍ଣ ହୋଇଯାଉଛି । ଆମକୁ ମଧ୍ୟ କୌଣସି ଦୁଃଖ ହୋଇନଥାନ୍ତା ଯଦି ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ମୃତ୍ୟୁର ଶବ୍ଦ ଶୁଣି ଏପରି ଅଶ୍ରୁ ବୁହାଇଥାନ୍ତ । କିନ୍ତୁ ଦୁଃଖର କଥା ଯେ ତୁମେମାନେ ଶ୍ରେଷ୍ଠ ନବୀ ତଥା ଖାତମୁନ୍ ନବୀଙ୍କ ସମ୍ବନ୍ଧରେ ତ ବେଶ୍ ଆନନ୍ଦର ସହ ଆପଣଙ୍କ ମୃତ୍ୟୁକୁ ସ୍ୱୀକାର କରିନେଉଛ କିନ୍ତୁ ସେ ବ୍ୟକ୍ତି ଯେ ହଜୁର୍ ସ:ଆ:ସଙ୍କ ଜୋତାର ଫିତା କରିବା ସମାନ ନୁହେଁ ତାଙ୍କୁ ଜିବୀତ ମନେ କହୁଅଛ ଏବଂ ତାଙ୍କ ବିଷୟରେ ଯଦି ମୃତ୍ୟୁର ଶବ୍ଦ ଉଚ୍ଚାରଣ ହୁଏ ତେବେ ତୁମକୁ କ୍ରୋଧ ଆସି ଯାଉଛି । ଯଦି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏପର୍ଯ୍ୟନ୍ତ ଜିବୀତ ଥାନ୍ତେ ତେବେ କୌଣସି ଅସୁବିଧା ନଥିଲା । କାରଣ ଆପଣ ଶ୍ରେଷ୍ଠ ଶିକ୍ଷାକୁ ନେଇ ଆସିଥିଲେ ଯାହାର ଉଦାହରଣ ସଂସାରରେ ମିଳୁନାହିଁ ଏବଂ ଆପଣ ଏଭଳି ଅମଳ କରି ଦେଖାଇଲେ ଯାହା ଆଦମଙ୍କ ଠାରୁ ବର୍ତ୍ତମାନ ସୁଧା କୌଣସି ନବୀ ଏପରି ନମୁନା ପ୍ରଦର୍ଶନ କରିନାହାଁନ୍ତି । ମୁଁ ତୁମକୁ ସତ ସତ କହୁଛି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଅସ୍ତିତ୍ୱର ଆବଶ୍ୟକତା ଏହି ବିଶ୍ୱ ବ୍ରହ୍ମାଣ୍ଡ ଏବଂ ମୁସଲ୍‌ମାନମାନଙ୍କ ପାଇଁ ଏପରି ଥିଲା ସେଭଳି ଆବଶ୍ୟକତା ମସିହଙ୍କ ଅସ୍ତିତ୍ୱର ନଥିଲା । (ଲେକ୍‌ଚର୍ ଲୁଧିୟାନା, ରୁହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୨୫୯)

## ତୃତୀୟ ବିଶ୍ୱ ଯୁଦ୍ଧ ପ୍ରତି ଖଲିଫାଙ୍କ ଚେତାବନୀ

ଧାର୍ମିକ କଠୋରବାଦ ଯେଉଁ ସଂକୀର୍ଣ୍ଣତାକୁ ଜନ୍ମ ଦେଇଛି, ତାହା ଆତଙ୍କବାଦ ନାମରେ ଧର୍ମାନ୍ଧତା ଓ ନିଷ୍ଠୁରତାର ରାକ୍ଷସ ସାଜି ଆଜି କେବଳ ଭାରତବର୍ଷ କାହିଁକି ସମଗ୍ର ପୃଥିବୀକୁ ଗ୍ରାସ କରିବାରେ ଲାଗିଛି । ଆଇ.ଏସ୍.ଆଇ.ଏସ୍, ଅଲ କାଏଦା ଓ ଜେ.ଇ.ଏମ୍. ଇତ୍ୟାଦି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କ୍ରୁର ଅଟ୍ଟହାସ୍ୟର ସ୍ପଷ୍ଟ ଚିତ୍ର ଦେଖାଉଛି । ତେଣୁ ଆଜିର ଦୁନିଆ ଏକ ଅଶାନ୍ତ ଝଡର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ହତିଆରବାଜି ଅସ୍ତ୍ରଶସ୍ତ୍ରର ଯେଉଁ ଝଙ୍କାର ଆରମ୍ଭ ହୋଇଗଲାଣି, ତାକୁ ଅଙ୍କୁଶ ଲଗାଇବା ତ ଦୂରର କଥା, ବିଶ୍ୱର ବଡ ବଡ ଶକ୍ତି ମଧ୍ୟ ଆତଙ୍କବାଦକୁ ସମୂଳେ ବିନାଶ କରିବା ସକାଶେ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇ ପାରିବେ ନାହିଁ । ବିଶ୍ୱ ଆର୍ଥିକ ସଙ୍କଟ, ଅରାଜକତା, ଦେଶ ଦେଶ ମଧ୍ୟରେ ଗୋଷ୍ଠୀ କନ୍ଦଳ ଓ ଗୃହଯୁଦ୍ଧ ଗୁଡିକରେ ମହାଶକ୍ତି ଗୁଡିକର ଅବାଧ ପ୍ରବେଶ ଓ ଶାନ୍ତି ପ୍ରତିଷ୍ଠା ବାହାନାରେ ଅଯଥା ହସ୍ତକ୍ଷେପ ଇତ୍ୟାଦି ଏହି ସବୁ ସଙ୍କଟ ଜନକ ଘଟଣା ବହୁଳ ପରିସ୍ଥିତି ବିଶ୍ୱ ମାନବ ଜଗତକୁ ପ୍ରଚଣ୍ଡ ଗତିରେ ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଠେଲି ଦେଇଛି ।

ଏଥିରୁ ଜଣାପଡେ ଯେ ମାନସିକ ଉତେଜନା ଓ ଜନ ଅସନ୍ତୋଷ ଘନେଇ ଆସୁଥିବା ଦୃଷ୍ଟିରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାବସ୍ଥା ସହିତ ସାମଞ୍ଜସ୍ୟ ଯୋଗୁଁ ବର୍ତ୍ତମାନର ସମୟକୁ ତା' ସହିତ ତୁଳନା କରାଯାଉଛି । ସୁତାରଂ ଚଳିତ ଶତାବ୍ଦୀରେ ତୃତୀୟ ବିଶ୍ୱଯୁଦ୍ଧ ହିଁ ପୃଥିବୀର ଭାଗ୍ୟ ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ସିଦ୍ଧହେବ । ଏହି ସ୍ଥିତିକୁ ସ୍ପଷ୍ଟ କରିବାକୁ ଯାଇ ଅହମଦୀୟା ଜମାଅତର ସଂସ୍ଥାପକ ଦିବ୍ୟଦ୍ରଷ୍ଟା **ହଜରତ ମିର୍ଜା ଗୁଲାମ ଅହମଦ** (୧୮୩୫-୧୯୦୮) କହିଛନ୍ତି :

'ସଦ୍ୟ ଆବିଷ୍କୃତ ମହା ଶକ୍ତିଶାଳୀ ପରମାଣୁ ଓ ଉଦ୍‌ଜାନ ବୋମା ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଦ୍ୱାରା ଏହି ଦୁଇ ମହାମେଂଟ ମଧ୍ୟରେ ଘମାଘୋଟ ଲଢେଇ ହେବ ଓ ସେମାନଙ୍କ ଶକ୍ତି ଛିନ୍ନ ଭିନ୍ନ ହୋଇ ଦୁର୍ବଳ ହୋଇ ପଡିବ । ସେମାନଙ୍କ ସଭ୍ୟତାର ପତନ ଘଟିବ । ଏହି ଯୁଦ୍ଧର ଅବସାନ ପରେ ରୁଷବାସୀ ପାଶ୍ଚାତ୍ୟବାସୀଙ୍କ ଠାରୁ ଅପେକ୍ଷାକୃତ ଶୀଘ୍ର ଦୁର୍ଦ୍ଦଶାରୁ ମୁକ୍ତି ଲାଭ କରିବେ । ରୁଷିଆର ଜନସଂଖ୍ୟା ଅତି ଶୀଘ୍ର ବଢିଯିବ । ..... ଯେଉଁ ଜାତି ଆଜି ପୃଥିବୀରୁ ପରମେଶ୍ୱରଙ୍କ ନାମ ଓ ଆକାଶରୁ ତାଙ୍କର ଅସ୍ତିତ୍ୱ ଲୋପ କରିବାର ଉପାୟ ଅନ୍ୱେଷଣ କରି ରଇଛି, ସେହି ଜାତି ନିଜର ଭୁଲ ବୁଝିପାରି ଅନୁତପ୍ତ ହେବ ଓ ସେମାନେ ଏକେଶ୍ୱରବାଦ ବିଶ୍ୱାସରେ ଦୃଢୀଭୂତ ହେବେ ।'

**(ତଜଲ୍ଲିୟାତେ ଇଲାହିୟା - Divine Manifastation, ପୃ ୩୯, ୧୯୦୬)**

ସନ୍ତ୍ରାସବାଦ ବିରୁଦ୍ଧରେ ସଂଘର୍ଷ ହେଉ ଅବା ଜେହାଦ୍ ନାମରେ ନିରୀହ ମଣିଷଙ୍କ ରକ୍ତପାତ, ସମଗ୍ର ମାନବ ସମାଜ ଆଜି ଆସନ୍ନ ମହାଯୁଦ୍ଧର ବିଭୀଷିକାରେ ଆତଙ୍କିତ ହୋଇ ଧ୍ୱଂସର ତଟ ଦେଶରେ ଛିଡା ହୋଇଛି । ଏପରି ଶଙ୍କାକୁଳ ପରିସ୍ଥିତିରେ ଅହମଦୀୟା ସଂପ୍ରଦାୟର ପଂଚମ ଖଲିଫା ହଜରତ୍ ମିର୍ଜା ମସରୁର ଅହମଦ୍ ବିଶ୍ୱର ପ୍ରମୁଖ ଧର୍ମଗୁରୁ ଓ ରାଷ୍ଟ୍ରମୁଖ୍ୟ ମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଶକ୍ତିଶାଳୀ ରାଷ୍ଟ୍ରଗଣ ଶାନ୍ତିରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପ୍ରୟୋଗ କରିବା ପରିବର୍ତ୍ତେ କଥାବାର୍ତ୍ତା ଜରିଆରେ ବିବାଦର ସମାଧାନ କରନ୍ତୁ । ନ୍ୟାୟ ଭିତିକ ଶାନ୍ତିର ଲକ୍ଷ୍ୟ ନେଇ ପୃଥିବୀକୁ ଏକତ୍ରିତ କରିବା ପାଇଁ କୌଣସି ଯୁଦ୍ଧକ୍ଷେତ୍ର ନୁହେଁ, ଗୋଟିଏ ଟେବୁଲରେ ମିଳିତ ହୋଇ ଭାବ ବିନିମୟ କରିବା ଅଧିକ ଶ୍ରେୟସ୍କର । କାରଣ ଆଉ ଏକ ବିଶ୍ୱଯୁଦ୍ଧର ମୂଳଦୁଆ କେବେଠାରୁ ପଡି ସାରିଲାଣି । **(ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ, ପୃ-୧୭୮, ୨୭୫)**

ଆମର ମହାମାନ୍ୟ ଖଲିଫା 'ହଜରତ ମିର୍ଜା ମସରୁର ଅହମଦ' ବିଶ୍ୱ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ଯେଉଁମାନଙ୍କୁ ପତ୍ର ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ମହାମାନ୍ୟ ପୋପ, ଆମେରିକା, ଇରାନ ଓ ଫ୍ରାନ୍ସର ରାଷ୍ଟ୍ରପତିଗଣ, କାନାଡା, ବ୍ରିଟେନ, ଇସ୍ରାଇଲ ଓ ଚୀନର ପ୍ରଧାନମନ୍ତ୍ରୀ, ଜର୍ମାନିର ଚାନ୍‌ସଲର, ସାଉଦି ଆରବର ରାଜା ଓ ଆହୁରି ଅନେକ । ୨୦୧୨ ଜୁନରେ ଆମେରିକାର ସଂସଦ ଭବନ **Capital Hill** ରେ ୧୪୦ ରୁ ଅଧିକ ସିନେଟ ଓ କଂଗ୍ରେସମେନ ଏବଂ ଡିସେମ୍ବର ମାସରେ ୟୁରୋପିୟାନ ପାର୍ଲାମେଂଟ୍‌ରେ ୩୦ଟି ୟୁରୋପିୟ ଦେଶର ୨୦୦ରୁ ଅଧିକ ପ୍ରତିନିଧିଙ୍କୁ ଉଦବୋଧନ ଦେଇଥିଲେ, ଯାହା ବିଶ୍ୱ ଇତିହାସରେ ଶାନ୍ତି, ନ୍ୟାୟ ଓ ଭାଇଚାରାର ବାର୍ତ୍ତାବହନକାରୀ ବୈପ୍ଳବିକ ପ୍ରଚେଷ୍ଟାର ବିରଳ ଘଟଣା ।

ଅହମଦୀୟା ମୁସଲିମ ଜମାଅତ ରାଷ୍ଟ୍ରୀୟ ଏକତା, ଧାର୍ମିକ ସହିଷ୍ଣୁତା, ବିବେକ ସ୍ୱାଧିନତା ତଥା ଚାରିତ୍ରିକ ବିକାଶ କ୍ଷେତ୍ରରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହାର ମୁଖ୍ୟ ସିଦ୍ଧାନ୍ତ ହେଉଛି : ସରକାରଙ୍କ ଆଜ୍ଞା ପାଳନ, ଦେଶ ପ୍ରେମ, ଧର୍ମ ସଂସ୍ଥାପକମାନଙ୍କ ପ୍ରତି ଯଥୋଚିତ ସମ୍ମାନ, ମାନବଜାତି ପ୍ରତି ସହାନୁଭୂତି ଓ ମାନବସେବା ପରମ ଧର୍ମ । ଏହି ଜମାଅତ ଦୈବୀ ଦୁର୍ବିପାକ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ **Humanity First** ନାମକ ଏକ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଜରିଆରେ ଜାତି ଧର୍ମ ନିର୍ବିଶେଷରେ ମାନବ ଜାତିର ନିଃସ୍ୱାର୍ଥପର ସେବା କରିବାରେ ପ୍ରସିଦ୍ଧି ଲାଭ କରିଛି । ଏହାର ନୀତିବାଣୀ ହେଉଛି "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ" ।

ତେବେ ଆତଙ୍କବାଦ ବିରୁଦ୍ଧରେ ଶାନ୍ତିପାଇଁ ପ୍ରଚେଷ୍ଟା ମୂଳକ ସମ୍ମିଳନୀ ସବୁଠାରେ ଅନୁଷ୍ଠିତ ହେଉଛି । ଏଠାରେ ଅହମଦୀୟା ସଂପ୍ରଦାୟର ପରିଚୟ ପ୍ରଦାନ କରି ସମ୍ମିଳନୀର ଆଭିମୁଖ୍ୟ ସମ୍ବନ୍ଧରେ ଉପସ୍ଥିତ ସଭାସଦଗଣଙ୍କୁ ସୂଚନା ଦିଆଯାଇଥାଏ । ସମଗ୍ର ବିଶ୍ୱର ବିଭିନ୍ନ ଭାଗରେ ଏହି ସଂପ୍ରଦାୟ ପକ୍ଷରୁ ଶାନ୍ତି ସମ୍ମିଳନୀ, ଶାନ୍ତି ଆଲୋଚନା ଚକ୍ର, ମାନବତା ଦିବସ, ତଥା ସର୍ବଧର୍ମ ସମନ୍ୱୟ ସମ୍ମିଳନୀ (ଜଲସା ପେଶୱାୟାନେ ମଜାହିବ୍) ଇତ୍ୟାଦି ଆୟୋଜନ କରାଯାଉଛି । ଚଳିତ ବର୍ଷ କାନାଡାରେ ଅକ୍ଟୋବର ମାସରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଲଣ୍ଡନ ଠାରେ ପ୍ରତି ବର୍ଷ ହେଉଥିବା Peace symposium ରେ ଗତ ବର୍ଷ ଭାରତର ବିଶିଷ୍ଟ ସ୍ୱେଚ୍ଛାସେବୀକା ଶ୍ରୀମତୀ ସିନ୍ଧୁ ତାଇଙ୍କୁ ଅହମଦୀୟା Peace Award ଦ୍ୱାରା ସମ୍ମାନୀତ କରାଯାଇଥିଲା ।

ବନ୍ଧୁଗଣ ! ସମାଜରେ ସଂପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା ବିନା ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ସୁତାରଂ ପବିତ୍ର କୁରଆନରେ କୁହାଯାଇଛି-

'ହେ ମୁସଲମାନମାନେ ! କୌଣସି ଧର୍ମର ଶତ୍ରୁତା ତଥା ସାମ୍ପ୍ରଦାୟୀକ ତିକ୍ତ ମନୋଭାବ ତୁମମାନଙ୍କୁ ପ୍ରକୃତ ନ୍ୟାୟ ପଥରୁ ବିରତ ନ କରୁ ଏବଂ ନ୍ୟାୟକୁ ଛାଡି ଅନ୍ୟାଥା କରିବାକୁ କଦାପି ନ ପ୍ରବର୍ତାଉ; ପରନ୍ତୁ ତୁମେ ସକଳ ପ୍ରାଣୀ ସହିତ ନ୍ୟାୟ କର ଏବଂ ସାମ୍ୟ ଓ

ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ......

# ଖୁତ୍‌ବା ଜୁମା

◆ ଆଜି ବଙ୍ଗଳାଦେଶର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେଉଅଛି । ଏଥର ସେମାନଙ୍କ ଅନ୍ତିମ ଅଧିବେଶନରେ ମୋର ଉଦ୍‌ବୋଧନ ଦେବାର ନାହିଁ । ତେଣୁ ସେମାନେ ମୋତେ ଖୁତବା ଜୁମାରେ ହିଁ କିଛି କହିବାକୁ ଅନୁରୋଧ କରିଥିଲେ । ଅଲ୍ଲାହଙ୍କ କୃପାରୁ ବଙ୍ଗଳାଦେଶର ଜମାଅତ ବେଶ୍ ନିଷ୍ଠାପର ଜମାଅତ ଅଟେ । ସେଠାକାର ଅହେମଦିମାନେ ମଧ୍ୟ (ଧର୍ମ ମାର୍ଗରେ)ନିଜ ପ୍ରାଣ ବଳି ଦେଇଛନ୍ତି । ସେହିପରି ଆଜି ସେରେଲିଓନରେ ମଧ୍ୟ ଜଲସା ଅନୁଷ୍ଠିତ ହେଉଅଛି ।

◆ ଆମ୍ଭମାନଙ୍କୁ ଜଲସା ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟକୁ ସର୍ବଦା ମନେରଖିବା ଓ ବୁଝିବା ଉଚିତ୍ । ତାହା ଯେ କୌଣସି ଦେଶରେ ଯେପରି (ବର୍ତ୍ତମାନ) ବଙ୍ଗଳାଦେଶ ଓ ସେରେଲିଓନ ଅବା ଆଫ୍ରିକାର ଯେକୌଣସି ଦେଶରେ ଅନୁଷ୍ଠିତ ହେଉ ନା କାହିଁକି । ସେହି ଉଦ୍ଦେଶ୍ୟ କଣ ? ତାହା ହଜରତ ମସିହ ମଉଦ ଆ.ସ ବିଭିନ୍ନ ସମୟରେ ଆମକୁ ଦର୍ଶାଇ ଦେଇଛନ୍ତି । ମୋର ଆଶା ବଙ୍ଗଳାଦେଶ ଓ ସେରେଲିଓନ ଜଲସାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ହଜୁର ଆ.ସଙ୍କର ଉପଦେଶାବଳୀ ସେମାନେ ଶୁଣି ନେଇଥିବେ । ପୃଥିବୀର ପ୍ରତ୍ୟେକ (ଦେଶର) ଅହେମଦି ପ୍ରତ୍ୟେକ ମୁହୂର୍ତ୍ତରେ ଉକ୍ତ ଉଦ୍ଦେଶ୍ୟାବଳୀକୁ ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହା କେବଳ ତିନି ଦିନ ପାଇଁ ନୁହେଁ ବରଂ ଜଣେ ଅହେମଦି ନିମନ୍ତେ ତାହାର ସାରା ଜୀବନର ଉଦ୍ଦେଶ୍ୟ ଅଟେ ।

◆ ଆଜି ସମଗ୍ର ବିଶ୍ୱରେ ଇସଲାମକୁ ବଦନାମ୍ କରାଯାଉଅଛି । ଏପରିକି ମୁସଲମାନ ରାଷ୍ଟ୍ରମାନଙ୍କରେ ମଧ୍ୟ ଜଣେ (ମୁସଲମାନ) ଅନ୍ୟ ଜଣର ରକ୍ତ ପିପାସୁ ସାଜିଛି । ମୁସଲମାନମାନଙ୍କ ଅମଲ ଓ ଇସଲାମୀୟ ଶିକ୍ଷା ସେମାନଙ୍କ ଠାରୁ ବହୁ ଦୂରକୁ ଚାଲିଯାଇଛି । ଏପରି ପରିସ୍ଥିତିରେ ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସଲାମର ସୌନ୍ଦର୍ଯ୍ୟମୟ ଶିକ୍ଷା ସହ ଅବଗତ କରାଇପାରିବା । ଏଥିପାଇଁ ଆମ୍ଭଙ୍କୁ ଅଲ୍ଲାହଙ୍କ ସହ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

◆ ହଜରତ ମସିହ ମଉଦ ଆ.ସ କୁହନ୍ତି ଜଲସା କରିବାର ଗୋଟିଏ ଉଦ୍ଦେଶ୍ୟ ଉଦ୍ୟମ କରିବା ଓ (ନିଜ ଭିତରେ) ଈଶ୍ୱର ଭୟ ସୃଷ୍ଟ କରିବା ଅଟେ । ପୁଣି ଏହାର ଅସ୍ଥାୟୀ ଭାବରେ କ୍ଷଣୀକ ସମୟ ପାଇଁ ଉତ୍ପନ୍ନ କରିବା କୌଣସି ଫଳ ଆଣି ନଥାଏ ବରଂ ତାହା ଚୀରସ୍ଥାୟୀ ହେବା ଉଚିତ୍ । ତେଣୁ ଜଲସାରେ ଯୋଗ ଦେବା ତୁମମାନଙ୍କ ପାଇଁ ଅଲ୍ଲାହଙ୍କର ପ୍ରକୃତ ଭୟ ହାସଲ କରିବାର ମାଧ୍ୟମ ସାଜିବା ଉଚିତ୍ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୩ ଫେବୃୟାରୀ ୨୦୧୭ ଅନୁଯାୟୀ ୩ ତବ୍‌ଲିଗ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ– ଆଜି ବଙ୍ଗଳାଦେଶର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେଉଅଛି । ଏଥର ସେମାନଙ୍କ ଅନ୍ତିମ ଅଧିବେଶନରେ ମୋର ଉଦ୍‌ବୋଧନ ଦେବାର ନାହିଁ । ତେଣୁ ସେମାନେ ମୋତେ ଖୁତବା ଜୁମାରେ ହିଁ କିଛି କହିବାକୁ ଅନୁରୋଧ କରିଥିଲେ । ଅଲ୍ଲାହଙ୍କ କୃପାରୁ ବଙ୍ଗଳାଦେଶର ଜମାଅତ ବେଶ୍ ନିଷ୍ଠାପର ଜମାଅତ ଅଟେ । ସେଠାକାର ଅହେମଦିମାନେ ମଧ୍ୟ (ଧର୍ମ ମାର୍ଗରେ)ନିଜ ପ୍ରାଣ ବଳି ଦେଇଛନ୍ତି । ପାଖାପାଖି ୧୨/୧୩ ଜଣ ଅହେମଦି ଶହିଦ ହେବା ସହିତ ଶତ୍ରୁର ଅପମାନ ଓ ଅପନିନ୍ଦା ସହ୍ୟ କରିଥିଲେ ଏବଂ ବର୍ତ୍ତମାନ ମଧ୍ୟ କରୁଛନ୍ତି । କିନ୍ତୁ ଅଲ୍ଲାହଙ୍କ କୃପାରୁ ସେମାନଙ୍କ ବିଶ୍ୱାସ ତିଳେ ହେଲେ ଦୁର୍ବଳ ହୋଇ ନାହିଁ ବରଂ ସୁଦୃଢ ରହିଛି । ଅଲ୍ଲାହତାଲା ସେମାନଙ୍କ ବିଶ୍ୱାସରେ ସର୍ବଦା ଅଭିବୃଦ୍ଧି ଘଟାନ୍ତୁ । ସେହିପରି ଆଜି ସେରେଲିଓନରେ ମଧ୍ୟ ଜଲସା ଅନୁଷ୍ଠିତ ହେଉଅଛି । ସେଠାକାର ପାଣିପାଗ ଓ ସୁରକ୍ଷା ବ୍ୟବସ୍ଥାରେ କିଛି ଅସୁବିଧା କାରଣରୁ ଜଲସାର କାର୍ଯ୍ୟକ୍ରମ କିପରି ସୁନ୍ଦର ଭାବରେ ସମ୍ପର୍ଣ୍ଣ ହେବ ସେନେଇ ଆଶଙ୍କା ଥିଲା । ତେଣୁ ସେମାନେ ମୋତେ ଦୁଆ କରିବା ପାଇଁ ମଧ୍ୟ ନିବେଦନ କରିଛନ୍ତି, ଅଲ୍ଲାହତାଲା ଜଲସାକୁ ସମସ୍ତ ଦିଗରୁ ସଫଳ କରାନ୍ତୁ ।

ଆମ୍ଭମାନଙ୍କୁ ଜଲସା ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟକୁ ସର୍ବଦା ମନେରଖିବା ଓ ବୁଝିବା ଉଚିତ୍ । ତାହା ଯେ କୌଣସି ଦେଶରେ ଯେପରି (ବର୍ତ୍ତମାନ) ବଙ୍ଗଳାଦେଶ ଓ ସେରେଲିଓନ ଅବା ଆଫ୍ରିକାର ଯେକୌଣସି ଦେଶରେ ଅନୁଷ୍ଠିତ ହେଉ ନା କାହିଁକି । ସେହି ଉଦ୍ଦେଶ୍ୟ କଣ ? ତାହା ହଜରତ ମସିହ ମଉଦ ଆ.ସ ବିଭିନ୍ନ ସମୟରେ ଆମକୁ ଦର୍ଶାଇ ଦେଇଛନ୍ତି । ମୋର ଆଶା ବଙ୍ଗଳାଦେଶ ଓ ସେରେଲିଓନ ଜଲସାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ହଜୁର ଆ.ସଙ୍କର ଉପଦେଶାବଳୀ ସେମାନେ ଶୁଣି ନେଇଥିବେ । ପୃଥିବୀର ପ୍ରତ୍ୟେକ (ଦେଶର) ଅହେମଦି ପ୍ରତ୍ୟେକ ମୁହୂର୍ତ୍ତରେ ଉକ୍ତ ଉଦ୍ଦେଶ୍ୟାବଳୀକୁ ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହା କେବଳ ତିନି ଦିନ ପାଇଁ ନୁହେଁ ବରଂ ଜଣେ ଅହେମଦି ନିମନ୍ତେ ତାହାର ସାରା ଜୀବନର ଉଦ୍ଦେଶ୍ୟ ଅଟେ । ହଜରତ ମସିହ ମଉଦ ଆ.ସ କୁହନ୍ତି ଜଲସା କରିବାର ଗୋଟିଏ ଉଦ୍ଦେଶ୍ୟ ଉଦ୍ୟମ କରିବା ଓ (ନିଜ ଭିତରେ) ଈଶ୍ୱର ଭୟ ସୃଷ୍ଟ କରିବା ଅଟେ । ପୁଣି ଏହାର ଅସ୍ଥାୟୀ ଭାବରେ କ୍ଷଣୀକ ସମୟ ପାଇଁ ଉତ୍ପନ୍ନ କରିବା କୌଣସି ଫଳ ଆଣି ନଥାଏ ବରଂ ତାହା ଚୀରସ୍ଥାୟୀ ହେବା ଉଚିତ୍ । ତେଣୁ ଜଲସାରେ ଯୋଗ ଦେବା ତୁମମାନଙ୍କ ପାଇଁ ଅଲ୍ଲାହଙ୍କର ପ୍ରକୃତ ଭୟ ହାସଲ କରିବାର ମାଧ୍ୟମ ସାଜିବା ଉଚିତ୍ । ଈଶ୍ୱର ଭୟ ମଧ୍ୟ ଏକ ସ୍ଥାୟୀ ଜିନିଷ, ଯାହାକି କାହାରିକୁ ଭୟଭୀତ ହୋଇ ଡ଼ରିବା ପରି ହେବା ଉଚିତ୍ ନୁହଁ ବରଂ ନିଜ ପ୍ରିୟ (ଅଲ୍ଲାହଙ୍କୁ) ଅସାନ୍ତ ଓ ଅରାଜି କରିବାର ଭୟ ଅଟେ । ପୁଣି ଜଲସାରେ ଆସି ଆଧାତ୍ମିକ ପରିବେଶରେ ଯୋଗଦେବା ଫଳରେ ପରସ୍ପର ପ୍ରତି ହୃଦୟରେ ନମ୍ରତା ଉତ୍ପନ୍ନ ହୋଇଥାଏ । ଅଲ୍ଲାହଙ୍କ ପ୍ରିତିଭାଜନ ଲାଭ କରିବା ନିମନ୍ତେ ପରସ୍ପରକୁ ଭଲ ପାଇବାରେ ପରସ୍ପରଠାରୁ ଆଗକୁ ବଢିବାକୁ ଚେଷ୍ଟା କରିବା ଉଚିତ୍ । ପରସ୍ପର ମଧ୍ୟରେ ଏପରି ଭାତୃଭାବର ଡ଼ୋରି ବାନ୍ଧିବା ଯେଉଁଥିରେ ସଂସାରବାସୀ ମଧ୍ୟ ଇର୍ଶା କରିବେ କି ଏହା ହିଁ ପ୍ରକୃତ ଇସଲାମୀୟ ଶିକ୍ଷା ଅଟେ ।

ହଜରତ ମସିହ ମଉଦ ଆ.ସ ଏହା ମଧ୍ୟ ପ୍ରକାଶ କରିବା ଆବଶ୍ୟକ ମଣିଥିଲେ କି ମୋର ମାନ୍ୟକାରୀମାନେ ନମ୍ରତା ଓ ସଦାଚାର ପ୍ରଦର୍ଶନକାରୀ

ହୁଅନ୍ତୁ । ନିଜ ଅନ୍ତରରୁ ଗର୍ବ ଓ ଅହଂକାରକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଦିଅନ୍ତୁ । (ଉଦ୍ଧୃତ ଶାହାଦତୁଲ୍ କୁରୁଆନ୍ ଖଣ୍ଡ-୬, ପୃଷ୍ଠା-୩୯୪-୩୯୮) ନିଜର ଆଧ୍ୟାତ୍ମିକ ଉନ୍ନତି ହାସଲ କରନ୍ତୁ ସେ ଯେଉଁଠାର ଅହେମଦୀ ହୁଅନ୍ତୁ ନା କାହିଁକି ସେମାନେ ଇସ୍‌ଲାମ୍‌ର ବାସ୍ତବିକ ସୁନ୍ଦର ଶିକ୍ଷାକୁ ନିଜ ଦେଶରେ ପ୍ରସାର କରନ୍ତୁ । ଯଦି ବିରୋଧୀ ଅଛନ୍ତି ସେମାନେ ଆମର କାର୍ଯ୍ୟକୁ ନିଃଶେଷ କରିପାରିବେ ନାହିଁ । ହିକ୍‌ମତ୍ (ବୁଦ୍ଧିମତା)ର ସହ ପ୍ରତ୍ୟେକ ଯାଗାରେ ତବ୍‌ଲିଗ୍‌ର କାର୍ଯ୍ୟ କରିବା ଆମର ମୂଳ ଲକ୍ଷ୍ୟ ହେବା ଉଚିତ୍ ।

ଆଜି ସମଗ୍ର ବିଶ୍ୱରେ ଇସଲାମକୁ ବଦନାମ୍ କରାଯାଉଅଛି । ଏପରିକି ମୁସଲମାନ ରାଷ୍ଟ୍ରମାନଙ୍କରେ ମଧ୍ୟ ଜଣେ (ମୁସଲମାନ) ଅନ୍ୟ ଜଣର ରକ୍ତ ପିପାସୁ ସାଜିଛି । ମୁସଲମାନମାନଙ୍କ ଅମଲ ଓ ଇସଲାମୀୟ ଶିକ୍ଷା ସେମାନଙ୍କ ଠାରୁ ବହୁ ଦୂରକୁ ଚାଲିଯାଇଛି । ଏପରି ପରିସ୍ଥିତିରେ ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସଲାମର ସୌନ୍ଦର୍ଯ୍ୟମୟ ଶିକ୍ଷା ସହ ଅବଗତ କରାଇପାରିବା । ଏଥିପାଇଁ ଆମ୍ଭଙ୍କୁ ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୋଇ ଦୁଆ କରିବାକୁ ହେବ । ନିଜ କାମରେ ବର୍‌କତ୍ ପାଇବା ପାଇଁ ଅଲ୍ଲାଃତାଲାଙ୍କ ଠାରୁ ହିଁ ମାଗିବାକୁ ପଡ଼ିବ । ଏତତ୍‌ବ୍ୟତୀତ ନିଜ କାର୍ଯ୍ୟର ନମୁନା ଏବଂ ଉତମ ଚରିତ୍ର ଦେଖାଇବାକୁ ମଧ୍ୟ ହେବ । ଯଦ୍ୱାରା ସଂସାରବାସୀକୁ ଏହା ଦେଖାଯିବ ଯେ ଯଦି ଇସ୍‌ଲାମୀୟ ଶିକ୍ଷା ମୁତାବକ କେହି ଅମଲ କରୁଛନ୍ତି ଓ କେହି ଉପାସନାର ଉଚ୍ଚତମ ସ୍ଥାନ ନିରୁପଣ କରିଛନ୍ତି ତାହାଲେ ସେମାନେ ଅହେମଦୀ ଅଟନ୍ତି । ଅର୍ଥାତ୍ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ ହୁକୁକୁଲ୍‌ଇବାଦ୍ (ଲୋକଙ୍କର ହକ୍ ଏବଂ ସୁନ୍ଦର ଚରିତ୍ର ଯଦି ଦେଖିବାକୁ ଚାହୁଁଛ ତାହେଲେ ଅହେମଦୀଙ୍କ ନିକଟରେ ଦେଖ ।

ହଜୁର ଅନଓ୍ୱର ଅ.ବ କହିଲେ- ଜଲସା ଅନୁଷ୍ଠିତ କରିବାର ଉଦ୍ଦେଶ୍ୟ ଏପରି ପରିବେଶରେ ଅର୍ଥାତ ଉକ୍ତ ତିନି ଦିନର ଆଧ୍ୟାତ୍ମିକ ପରିବେଶରେ ନିଜ ହୃଦୟରେ ଯେଉଁ କଳଙ୍କି ଜମାଟ ବାନ୍ଧିଛି ତାହାକୁ ନିଜଠାରୁ ଅଲଗା କରିବା । ଯଦିଓ ସେଠାକାର ଅହେମଦିମାନେ ନିଜ ବିଶ୍ୱାସରେ ବେଶ୍ ସୁଦୃଢ ଅଟନ୍ତି ଏବଂ ଯେପରିକି ମୁଁ ଚର୍ଚ୍ଚା କରିଆସିଲି ସେଥିପାଇଁ ସେମାନେ ବଳିଦାନ ମଧ୍ୟ ଦେଇଛନ୍ତି । କିନ୍ତୁ ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କଠାରୁ ଏହି ଯୁଗରେ ଉତମ ଚରିତ୍ରର ସର୍ବୋଚ୍ଚ ସ୍ତର ହାସଲ କରିବା ଇଚ୍ଛା କରନ୍ତି । ଅଲ୍ଲାଃଙ୍କ କହିବା ମୁତାବକ ନମାଜ ପାଠରେ ନିୟମାନୁବର୍ତୀତା ଅବଲମ୍ବନ କରିବା ସହିତ ନମାଜର ପ୍ରକୃତ ମର୍ମ ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ଏଥିସମ୍ବନ୍ଧରେ ମୁଁ ବିଗତ ଦୁଇ ଗୋଟି ଖୁତବାରେ ବେଶ୍ ବିସ୍ତାର ଭାବରେ ଚର୍ଚ୍ଚା କରିସାରିଛି । ଏତତ୍ ବ୍ୟତୀତ ସୃଷ୍ଟି ପ୍ରତି ଥିବା ନିଜ କର୍ତବ୍ୟ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ସମ୍ପାଦନ କରିବା ।

ଯେପରି ଚର୍ଚ୍ଚା ହେଲା କି ଜଲସାର ଗୋଟିଏ ଉଦ୍ଦେଶ୍ୟ ଉଦ୍ୟମ କରିବା ସହିତ (ନିଜ ଭିତରେ)ଈଶ୍ୱର ଭୟ ସୃଷ୍ଟି କରିବା ଅଟେ । ତକୱ୍ୱା (ଧର୍ମଭୀରୁତା) ସୃଷ୍ଟି କରିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି- ତକୱ୍ୱାର ଅର୍ଥ ଅପକର୍ମର ସୂକ୍ଷ୍ମ ମାର୍ଗରୁ ମଧ୍ୟ ଦୂରେଇ ରହିବା କିନ୍ତୁ ମନେରଖ ଯେ, ପୁଣ୍ୟ କେବଳ ଏହା ନୁହେଁ କି ଯେପରି ଜଣେ କହିଥାଏ କି ମୁଁ ଉତମ (ଲୋକ) ଅଟେ । ମୁଁ କାହାର ଧନ ଆତ୍ମସାତ କରି ନାହିଁ, କାହାରିକୁ ଲୁଟି ନାହିଁ କାହାର ଅଧିକାର ମାରି ନାହିଁ, କାହାରି ଚୋରୀ କରି ନାହିଁ, କାହାରିକୁ ଖରାପ ଦୃଷ୍ଟିରେ ଦେଖି ନାହିଁ ନା କାହା ସହ ଦୁଷ୍କର୍ମ କରିଛି । ଏପରି ପୁଣ୍ୟ କର୍ମ ଜଣେ ବିଦ୍ୱାନ ନିକଟରେ ପରିହାସ ଯୋଗ୍ୟ ଅଟେ । ଏହା କୌଣସି ପୁଣ୍ୟ ନୁହେଁ ଏପରି କହିବା ଥଟା କରିବା ଅଟେ କାରଣ ଯଦି ଜଣେ ଏସବୁ କର୍ମ କରେ ତେବେ ସେ ଦଣ୍ଡ ପାଇବାର ଅଧିକାରୀ ହେବ । ସୁତରାଂ ଏସବୁ ପୁଣ୍ୟ କର୍ମ ନୁହେଁ ବରଂ ପ୍ରକୃତ ପୁଣ୍ୟ କର୍ମ ମାନବ ଜାତିର ସେବା କରିବା ଓ ଅଲ୍ଲାଃଙ୍କ ମାର୍ଗରେ ପୂର୍ଣ୍ଣ ସତ୍ୟବାଦୀ ଓ ବିଶ୍ୱସ୍ତତାର ପ୍ରଦର୍ଶନ କରିବା ଏପରିକି ଏହି ମାର୍ଗରେ ନିଜ ଜୀବନ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ରହିବା ଅଟେ । ସେଥିପାଇଁ ତ ଅଲ୍ଲାଃ କହିଛନ୍ତି- **ଇନ୍ନଲ୍ ଲାହା ମାଅଲ୍ ଲଜିନତ୍ ତକୌ ଓ୍ୱଲ୍ ଲଜିନା ହୁମ୍ ମୁହସିନୁନ୍** ଅର୍ଥାତ ଯେଉଁମାନେ ଧର୍ମପରାୟଣ ଓ ସତ୍‌କାର୍ଯ୍ୟ କରନ୍ତି ବାସ୍ତବରେ ଅଲ୍ଲାଃ ସେହିମାନଙ୍କ ସହିତ ଥାଆନ୍ତି । ପୁଣି କହିଲେ ''ଖୁବ୍ ମନେରଖ କେବଳ କୁକାର୍ଯ୍ୟରୁ ଦୂରେଇ ରହିବା କୌଣସି ଉତମ କଥା ନୁହେଁ । ଯେଉଁ ପର୍ଯ୍ୟନ୍ତ ତା ସହିତ ପୁଣ୍ୟ କାର୍ଯ୍ୟ ନ କରିଛି । ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ କଦାପି ଜନା କରିନାହାଁନ୍ତି, କାହାକୁ ଜୀବନରୁ ମାରି ନାହାଁନ୍ତି, ଚୋରି କରି ନାହାଁନ୍ତି, ଡ଼କାୟତି କରିନାହାଁନ୍ତି, ଏହା କରିବା ସତ୍ୱେ ମଧ୍ୟ ଅଲ୍ଲାଃତାଲାଙ୍କର ମାର୍ଗରେ କୌଣସି ସତ୍ୟତା ଓ ସୌହାର୍ଦ୍ଦ୍ୟର ନମୁନା ଦେଖାଇନାହାଁନ୍ତି'' (ଏମାନେ କୌଣସି ଅପରାଧ ତ କରିନାହାଁନ୍ତି କିନ୍ତୁ ଅଲ୍ଲାଃଙ୍କ ରାସ୍ତାରେ କୌଣସି ପ୍ରକାର ସତ୍ୟତା ଓ ସ୍ନେହ ସୌହାର୍ଦ୍ଦ୍ୟର ନମୁନା ମଧ୍ୟ ଦେଖାଇନାହାଁନ୍ତି ଯାହାଦ୍ୱାରା ସେମାନଙ୍କର ପ୍ରଶଂସା କରାଯିବ) । ''ବା ମାନବଜାତିର କୌଣସି ସେବା କରିନାହାଁନ୍ତି ବା ଏପରି କୌଣସି ପୁଣ୍ୟ କାର୍ଯ୍ୟ କରିନାହାଁନ୍ତି ତେଣୁ ସେ ବହୁତ ମୁର୍ଖ ଅଟେ ଯିଏ ଏହି କଥାକୁ ଉପସ୍ଥାପନ କରି ସେମାନଙ୍କୁ ପୁଣ୍ୟବାନଙ୍କ ସହିତ ଗଣନା କରିଥାଏ କାରଣ ଏହା ଖରାପ କଥା ଅଟେ । କେବଳ ଏତିକି ଭାବିବା ଦ୍ୱାରା ମଣିଷ ଔଲିଆ ଅଲ୍ଲାଃ (ଅଲ୍ଲାଃଙ୍କର ନିକଟତର) ରେ ଗଣାଯିବେ ନାହିଁ । ପୁଣି କହିଲେ କୁକର୍ମ କରିବା ବ୍ୟକ୍ତି ଚୋରି ଏବଂ ଖୟାନତ୍ କରିବା ବ୍ୟକ୍ତି ଓ ଲାଂଚ ନେଉଥିବା ବ୍ୟକ୍ତି ପାଇଁ ଅଲ୍ଲାଃତାଲାଙ୍କର ବିଧାନ ଏହା ଯେ ସେମାନଙ୍କୁ ଏହିଠାରେ ଦଣ୍ଡ ଦିଆଯାଏ'' (ସେମାନେ ଏହି ସଂସାରରେ ଦଣ୍ଡ ପାଇ ନିଅନ୍ତି) ''ସେ ଯେପର୍ଯ୍ୟନ୍ତ ଦଣ୍ଡ ପାଇନାହିଁ ମରିବ ନାହିଁ'' (ସାଧାରଣତଃ କୌଣସି ନା କୌଣସି ଜରିଆରେ ଦଣ୍ଡ ମିଳିଥାଏ) ''ମନେରଖ କେବଳ ଏତିକି କଥାର ନାମ ପୁଣ୍ୟ ନୁହେଁ'' ।

କହିଲେ ଯେ ''ତକ୍‌ୱ୍ୱା କେବଳ ନିମ୍ନ ଅବସ୍ଥାରେ ଥାଏ । ତାର ଉଦାହରଣ ଏପରି ଯେପରି କୌଣସି ପାତ୍ରକୁ ଭଲଭାବେ ସଫା କରିଦିଆଯାଏ । ଫଳତଃ ସେଥିରେ ବହୁତ ଉତମ ଖାଦ୍ୟ ରଖାଯିବ । ଏବେ ଯଦି କୌଣସି ପାତ୍ରକୁ ଖୁବ୍ ସଫାକରି ରଖି ଦିଆଯାଏ ଏବଂ ସେଥିରେ ଖାଦ୍ୟ ପରସା ନଯାଏ ତେବେ କଣ ସେହି ପାତ୍ର ଦ୍ୱାରା ପେଟ ପୁରିଯିବ ? କଦାପି ନୁହେଁ । ସେହିପରି ତକ୍‌ୱ୍ୱାକୁ ବୁଝିନିଅ'' । ଆପଣ କହୁଛନ୍ତି ''ତକ୍‌ୱ୍ୱା କଣ ଅଟେ ?'' କହୁଛନ୍ତି ଯେ ''ତକ୍‌ୱ୍ୱା ତ କେବଳ ନଫ୍‌ସେ ଅମ୍ମାରାର ପାତ୍ରକୁ ସଫା କରିବାର ନାମ ଅଟେ'' । (ନଫ୍‌ସେ ଅମ୍ମାରା ତାହା ଅଟେ ଯାହା ମନୁଷ୍ୟକୁ ସବୁ ସମୟରେ କୁ କାର୍ଯ୍ୟ କରେଇବା ପାଇଁ ପ୍ରୋତ୍ସାହନ ଦେଇଥାଏ ଏବଂ କୁକାର୍ଯ୍ୟ କରି କୌଣସି ପଶ୍ଚାତାପ ହୁଏ ନାହିଁ । ତେଣୁ ତକ୍‌ୱ୍ୱା ଏହା ଅଟେ ଯେ ନଫ୍‌ସେ ଅମ୍ମାରାର ଯେଉଁ ପାତ୍ର ଅଛି ତାକୁ ସଫା କର ଏବଂ ଯେତେବେଳେ ଏହା ସଫା ହୋଇଯିବ ଓ ମନ୍ଦ କାର୍ଯ୍ୟରୁ ମଣିଷ ନିବୃତ ରହିବ ତାହା ତକ୍‌ୱ୍ୱାର ପ୍ରାଥମିକ ଅବସ୍ଥା ଅଟେ । ପୁଣି ସେହି ପାତ୍ରରେ ଖାଦ୍ୟ ପରସ ଏବଂ ସେହି ଖାଦ୍ୟ ଉକ୍ତ ପୁଣ୍ୟ କର୍ମଅଟେ ଯାହାକୁ ଅଲ୍ଲାଃତାଲା ଶିଖାଇଛନ୍ତି । ସେଥି ମଧ୍ୟରୁ ଅଲ୍ଲାଃତାଲାଙ୍କର ହକ୍ ମଧ୍ୟ ଅଛି

ଏବଂ ତାଙ୍କ ସୃଷ୍ଟଜର ମଧ୍ୟ ହକ୍ ଅଛି । କହିଲେ ଯେ (ପୁଣ୍ୟ ସେହି ଖାଦ୍ୟ ଅଟେ ଯାହା ଉକ୍ତ ଥାଳିରେ ରଖାଯାଇଥାଏ ଏବଂ ଯିଏ ଅଙ୍ଗଗୁଡିକୁ ଶକ୍ତି ଦେଇ ମଣିଷକୁ ଏପରି ଯୋଗ୍ୟ କରିଥାଏ ଯାହା ଦ୍ୱାରା ସେ ପୁଣ୍ୟ କାର୍ଯ୍ୟ କରିଥାଏ । ଏବେ ଏହି ପରି ଚେଷ୍ଟା କରିଥାଏ, ପୁଣ୍ୟ କରିଥାଏ ଯେତିକି ମଣିଷର ଶକ୍ତି ଅଛି ଅଲ୍ଲାଃତାଲା ଯେତିକି ଶକ୍ତି ଦେଇଛନ୍ତି ତାକୁ ଏଥିପାଇଁ ସୁଦୃଢ଼ କରିଥାଏ ଯେ ତା ଦ୍ୱାରା ଅଲ୍ଲାଃତାଲାଙ୍କର ହକ୍ ଦିଆହୋଇପାରିବ ତତ୍ ସହିତ ତାର ବନ୍ଦା (ସୃଷ୍ଟଜ)ର ହକ୍ ଦିଆଯାଇପାରିବ । ତା ଠାରୁ ପୁଣ୍ୟ କାର୍ଯ୍ୟମାନ ସମ୍ପାଦନ ହୋଇପାରିବ ଏବଂ ସେ ଉଚ୍ଚ ସ୍ଥାନ ପ୍ରାପ୍ତ କରି ଅଲ୍ଲାଙ୍କ ନିକଟତା ହାସଲ କରିପାରିବ'' । (ମଲଫୁଜାତ୍ ଖଣ୍ଡ-୬, ପୃଷ୍ଠା-୨୪୧-୨୪୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଯେତେବେଳେ ଏହି ଦୁଇଟି କଥା ସାଧନ ହେବ ପୁଣ୍ୟ ତା ଉପରେ ପଡ଼ି ଚାଲିବ ସେତେବେଳେ ତକ୍ୱା ମଧ୍ୟ ବଢ଼ି ଚାଲିବ ଓ ଅଲ୍ଲାଃଙ୍କ ସାନିଧ୍ୟ ମଧ୍ୟ ହାସଲ ହେବ । ପୁଣି ଜଣେ ହକିକି(ବାସ୍ତବିକ) ମୁସଲ୍‌ମାନଙ୍କ ନିମନ୍ତେ ବହୁତ ଜରୁରୀ ଜିନିଷ ଉପାସନା ଅଟେ । ପୁଣି ଦୁଆ କଣ, ଉପାସନା କଣ ? ଉପାସନା ଏବଂ ଦୁଆ କି ପ୍ରକାର ଅଲୌକିକତା ଦେଖାଇଥାଏ ଏବଂ କିପରି ଏହାକୁ କରିବା ଉଚିତ୍ ଏବଂ ଏହା କିପରି ହେବା ଉଚିତ୍ ଏବଂ ଦୁଆର ବାସ୍ତବିକତାକୁ ଜାଣିବା ପାଇଁ କେଉଁ ପ୍ରକାରର କାର୍ଯ୍ୟ ପନ୍ଥା ଅବଲମ୍ବନ କରିବା ଉଚିତ୍ ଏବଂ ପୁଣି ଏହାଦ୍ୱାରା ଅଲ୍ଲାଃତାଲାଙ୍କର ସାନିଧ୍ୟ କିପରି ହାସଲ କରିବାକୁ ହେବ ଏବଂ ଏଥିରେ ନମାଜର କଣ ରୋଲ୍ ଅଛି ? ଉକ୍ତ ସବୁ କଥାକୁ ବର୍ଣ୍ଣନା କରି ଗୋଟିଏ ସ୍ଥାନରେ ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଦୁଆ ଏକ ଏପରି ରସାୟନ, ଯାହାକି ମୁଠେ ମାଟିକୁ ସୁନାରେ ପରିଣତ କରି ଦିଏ । ତେଣୁ (ତୁମ) ଦୁଆରେ ଏପରି ଶକ୍ତି ରହିବା ଉଚିତ୍ । ଦୁଆ ଏକ ଏପରି ନୀର ଯାହାକି ଅଭ୍ୟନ୍ତରର ସମସ୍ତ ମଇଳା ଧୋଇ ସଫା କରି ଦେଇଥାଏ । କିନ୍ତୁ କିପରି ଦୁଆ ଯେଉଁଥିରେ ଆତ୍ମା ତରଳି ଯାଇଥାଏ । ଏପରି ଦୁଆ ଯାହାକି ହୃଦୟରୁ ବାହାରି ଜଳଧାରା ପରି ବହି ଅଲ୍ଲାଃତାଲାଙ୍କ ଉପରେ ପଡ଼ିଥାଏ ଅର୍ଥାତ ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଥାଏ ଓ ଅଲ୍ଲାଃଙ୍କ ନିକଟରେ ଛିଡ଼ା ହୋଇ ରକୁ ଓ ସଜଦା କରିଥାଏ । ଏହାର ପ୍ରତିବିମ୍ବ ନମାଜ ଅଟେ । ଯାହାକି ଇସଲାମ ଆମକୁ ଶିକ୍ଷା ଦେଇଛି । ଅର୍ଥାତ୍ ଦୁଆ ଯେତେବେଳେ ହୃଦୟରୁ ବାହାରିଥାଏ ସେ କେବେକେବେ ଭାବ ବିହୋଳ ହୋଇ ଠିଆ ହୋଇଯାଏ । କେବେ ରୁକୁରେ ଯାଏ, କେବେ ସଜଦା କରିଥାଏ । ଆତ୍ମାର ବିଭିନ୍ନ ଅବସ୍ଥା ଅଛି । ତାର ଯେଉଁ ବାହ୍ୟ ଅବସ୍ଥା ଅଛି ତାହାର ପ୍ରକଟ ନମାଜ ଦ୍ୱାରା ହୋଇଥାଏ ଯାହାକୁ ଇସ୍‌ଲାମ୍ ଶିଖାଇଛି । ''ରୁହ୍ (ଆତ୍ମା)ର ଛିଡ଼ା ହେବା ଏହା ଅଟେ ଯେ ସେ ଅଲ୍ଲାଃଙ୍କ ନିମନ୍ତେ ପ୍ରତ୍ୟେକ ଦୁଃଖ କଷ୍ଟକୁ ସହିନେବ ଏବଂ ତାର ନିର୍ଦ୍ଦେଶକୁ ମାନିବା ପାଇଁ ଚେଷ୍ଟା କରିବ । ତାର ରୁକୁ ଅର୍ଥାତ୍ ନଇଁପଡ଼ିବା ଅଟେ । ଆତ୍ମାର ନଇଁପଡ଼ିବା ଅର୍ଥାତ୍ ରୁକୁ କରିବା ଅଟେ । ''ଅର୍ଥାତ୍ ସେ ପ୍ରତ୍ୟେକ ପ୍ରେମ ଓ ସମ୍ପର୍କକୁ ଛାଡ଼ି ଅଲ୍ଲାଃଙ୍କ ଆଡ଼କୁ ନଇଁପଡ଼ିଥାଏ । ଅଲ୍ଲାଃତାଲାଙ୍କ ଠାରୁ ଅଧିକ ବଡ଼ କୌଣସି ସମ୍ପର୍କ ପ୍ରେମ ନୁହେଁ । ତାହାର ସଜଦା ଏହା ଅଟେ ସେ ଅଲ୍ଲାଃଙ୍କ ଦରବାରରେ ପଡ଼ିଯାଇ ନିଜର ଭାବନାକୁ ସମ୍ପୂର୍ଣ୍ଣ ରୂପେ ହଜାଇଦିଏ ଏବଂ ନିଜର ଅସ୍ତିତ୍ୱକୁ ମଧ୍ୟ ଶେଷ କରିଦିଏ'' । ମଣିଷ ବୋଲି କିଛି ନଥାଏ । ସବୁକିଛି ଅଲ୍ଲାଃତାଲାଙ୍କ ନିମନ୍ତେ ହୋଇଥାଏ । କହିଲେ ଯେ ଏହିପରି ନମାଜ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥାଏ । ଯଦି ନମାଜର ସତ୍ୟାସତ୍ୟ ଜାଣିବାର ଅଛି ତେବେ ଏପରି ନମାଜ ପ୍ରାପ୍ତ କରିବାକୁ ହେବ, ଯେଉଁଥିରେ ଈଶ୍ୱର ପ୍ରାପ୍ତି ହୋଇଥାନ୍ତି । ଦେଖ ଲୋକେ କହିଥାନ୍ତି କି ଆମେ ଅନେକ ନମାଜ ପାଠ କଲୁ କିନ୍ତୁ ଈଶ୍ୱର ତ ମିଳିଲେ ନାହିଁ । ସୁତରାଂ ଈଶ୍ୱର ପ୍ରାପ୍ତି ନିମନ୍ତେ ଉପରୋକ୍ତ ଅବସ୍ଥା ନିଜ ଭିତରେ ଉତ୍ପନ୍ନ କରିବା ଆବଶ୍ୟକ । ଇସଲାମ ଏହାର ନକ୍ସା ସାଧାରଣ ନମାଜରେ ଟାଣି ଦର୍ଶାଇ ଦେଇଛି । ଯଦ୍ୱାରା ଶାରୀରିକ ନମାଜ ଆଧ୍ୟାତ୍ମିକତାକୁ ହରକତ୍ ଦେବାରେ ସହାୟ ହେବ, କାରଣ ଅଲ୍ଲାଃତାଲା ମଣିଷକୁ ଏପରି ଗଢ଼ିଛନ୍ତି କି ତାହାର ଆତ୍ମାର ପ୍ରଭାବ ଶରୀର ଉପରେ ଓ ଶରୀରର ପ୍ରଭାବ ଆତ୍ମା ଉପରେ ପଡ଼ିବା ସୁନିଶ୍ଚିତ । ଯେତେବେଳେ ତୁମର ଆତ୍ମା ଦୁଃଖୀ ହୁଏ ସେତେବେଳେ ଆଖିରୁ ମଧ୍ୟ ଅଶ୍ରୁ ଜାରି ହୋଇଥାଏ ଏବଂ ଯେତେବେଳେ ଆତ୍ମା ଖୁସି ଅନୁଭବ କରେ ସେତେବେଳେ ଚେହେରାରେ ମଧ୍ୟ ଖୁସି ପ୍ରକଟିତ ହୋଇଥାଏ । ଏପରିକି ବେଳେବେଳେ ମଣିଷ ମଧ୍ୟ ହସିଥାଏ । ସେହିପରି ମଣିଷ ଶରୀର ଉପରେ କୌଣସି ଦୁଃଖ କଷ୍ଟ ଆସେ ସେହି ଦୁଃଖ କଷ୍ଟରେ ଆତ୍ମା ମଧ୍ୟ ଭାଗିଦାରୀ ହୋଇଥାଏ । ସେହିପରି ଯେତେବେଳେ ଶରୀରକୁ ଶୀତଳ ପବନ ଦ୍ୱାରା ଶରୀରକୁ ଆରାମ ପହଂଚିଥାଏ ସେଥିରୁ ରୁହ୍ ମଧ୍ୟ କିଛି ଭାଗ ନେଇଥାଏ । ତେଣୁ ଶାରିରୀକ ଉପାସନାର ଲକ୍ଷ୍ୟ ଏହା ଯେ ଆତ୍ମା ଏବଂ ଶରୀରର ନିଜ ସମ୍ପର୍କ ଯୋଗୁଁ ଆତ୍ମାରେ ଅଲ୍ଲାଃତାଲାଙ୍କର ତରଫରୁ ହର୍‌କତ୍ ଜନ୍ମ ହୋଇଥାଏ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଡ଼କୁ ବହି ଚାଲେ । ''ଏବଂ ସେ ଆଧ୍ୟାତ୍ମିକ ରୂପେ ଛିଡ଼ା ହୋଇଥାଏ ଓ ସଜ୍‌ଦା କରିବାରେ ଲାଗି ପଡ଼ିଥାଏ । ବାହ୍ୟ କୟାମ୍ ସ ସଜ୍‌ଦା ଓ ରୁକୁ ଯାହା ଅଛି ସେମାନଙ୍କ ମଧ୍ୟରେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ ଯେ ସେମାନେ ଆଧ୍ୟାତ୍ମିକ ହୋଇଯାନ୍ତି । ଆତ୍ମାର ସଜ୍‌ଦା ହୋଇଥାଏ, ଆତ୍ମା ଦ୍ୱାରା ରୁକୁହୋଇଥାଏ ବା ଆତ୍ମାର ରୁକୁ ହୋଇଥାଏ ଏବଂ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ ଯାହା ମନୁଷ୍ୟକୁ ବାହ୍ୟ ଖୁସି ଓ ଦୁଃଖରେ ସୃଷ୍ଟି ହୋଇଥାଏ । ମଣିଷ କାନ୍ଦିଥାଏ ଏବଂ ହସିଥାଏ ମଧ୍ୟ । ସେହିପରି ଅଲ୍ଲାଃଙ୍କ ସହିତ ସମ୍ପର୍କ ମଧ୍ୟ ପ୍ରକଟିତ ହେବା ଉଚିତ୍ । ''ରୁହାନି କୟାମ୍ ଏବଂ ସଜ୍‌ଦାରେ ଲିପ୍ତ ରହିଥାଏ କାରଣ ମଣିଷ ଉନ୍ନତି କରିବା ପାଇଁ ମୋଜାହିଦାତ୍ (ଭରପୁର ଚେଷ୍ଟା) କରିଥାଏ'' । ଉନ୍ନତି କରିବାକୁ ହେଲେ ଚେଷ୍ଟା କରିବାକୁ ପଡ଼ିଥାଏ, ପରିଶ୍ରମ କରିବାକୁ ପଡ଼ିଥାଏ । ''ଏହା ମଧ୍ୟ ଏକ ପ୍ରକାର ଚେଷ୍ଟା ଅଟେ । ଏହା ମଧ୍ୟ ସ୍ପଷ୍ଟ ଯେ ଯେତେବେଳେ ଦୁଇଟି ଜିନିଷ ନିଜ ଭିତରେ ଏକାଠି ହୋଇଯାଏ ତେବେ ଯେତେବେଳେ ଆମେ ସେମାନଙ୍କ ମଧ୍ୟରୁ ଆମେ ଗୋଟିଏ ଜିନିଷ ଉଠାଇବା ତା ସହିତ ଲାଗି ରହିଥିବା ଅନ୍ୟ ଜିନିଷଟି ମଧ୍ୟ ହଲ୍‌ଚଲ୍ ହୋଇଥାଏ । କିନ୍ତୁ କେବଳ ଜିସ୍‌ମାନି (ଶାରିରୀକ) କୟାମ୍ ଓ ରୁକୁ ଓ ସଜ୍‌ଦା ଦ୍ୱାରା କୌଣସି ଲାଭ ହୋଇନଥାଏ । ଯଦି କେବଳ ଲୋକଦେଖାଣିଆ କିମ୍ବା ଉଠ ବସ ନମାଜ ପାଠ କରାଯାଏ ତେବେ ତାହାର କୌଣସି ସୁଫଳ ମିଳି ନଥାଏ । ଯେପର୍ଯ୍ୟନ୍ତ ସେଥିରେ ଆମେ ନିଜର ଅନ୍ତରାତ୍ମାକୁ ଯୋଡ଼ି ନାହେଁ କିମ୍ବା ଯୋଡ଼ିବାକୁ ଚେଷ୍ଟା କରି ନାହେଁ କି ଆମର ଆତ୍ମା ମଧ୍ୟ କୟାମ, ରକୁ ଓ ସଜ୍‌ଦାରୁ ଭାଗ ନେଉ ଏବଂ ଏହି ଭାଗ ନେବା ମାରୁଫତ୍ (ଜାଣିବା) ଉପରେ ନିର୍ଭର କରେ । ପୁଣି ମାରୁଫତ୍ ଅଲ୍ଲାଃଙ୍କ କୃପା ଉପରେ ନିର୍ଭରଶୀଳ । **(ଲେକ୍‌ଚର ସିଆଲ୍‌କୋଟ, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୨୩-୨୨୪)**

ଅତଏବ ହଜୁର ଆ.ସ ଏହାର ସ୍ପଷ୍ଟିକରଣ କରି କୁହନ୍ତି-

ଏସବୁକିଛି ଅଲ୍ଲାଃଙ୍କ କୃପାରୁ ହିଁ ପ୍ରାପ୍ତ ହୋଇଥାଏ । ତେଣୁ ଉକ୍ତ କୃପା ହାସଲ କରିବା ନିମନ୍ତେ ତାଙ୍କ ନିକଟରେ ନତମସ୍ତକ ହୁଅ ।

ତାଙ୍କରିଠାରୁ ଭିକ୍ଷା କର କାରଣ ଯେତେବେଳେ ସେହି ମାରୁଫତ୍ ହାସଲ ହୋଇଯାଏ ସେତେବେଳେ ପ୍ରକୃତ ନମାଜ ମଧ୍ୟ ସମ୍ପାଦନ ହୋଇଯାଏ । ଏଥିପାଇଁ ନିରନ୍ତର ପ୍ରଚେଷ୍ଟା, ଅଧବସାୟ ଓ ପରିଶ୍ରମର ଆବଶ୍ୟକତା ରହିଛି । ଯେତେବେଳେ ତାହା ସାଧିତ ହେବ ସେତେବେଳେ ତୁମେ ନିଜ ଜନ୍ମର ଲକ୍ଷ ହାସଲ କରିନେବ । ତକ୍‌ୱା ଏବଂ ବାସ୍ତବିକ ଉପାସନାର ସମ୍ପୂର୍ଣ୍ଣତା ସେ ସମୟରେ ହୋଇଥାଏ ଯେପରିକି ଏବେ ପୂର୍ବରୁ ଗୋଟିଏ ପାରାରେ ବର୍ଣ୍ଣନା କରାଗଲା ତାହା ହେଉଛି ଦୁଇଟି ଜିନିଷ । ଅଲ୍ଲାଃତାଲାଙ୍କର ହକ୍ ଏବଂ ତା (ବନ୍ଦା) ସୃଷ୍ଟଜଙ୍କର ହକ୍ । ତକ୍‌ୱାର ପୁର୍ଣ୍ଣତା ମଧ୍ୟ ସେ ସମୟରେ ହେବ ଓ ବାସ୍ତବିକ ଉପାସନା ମଧ୍ୟ ସେ ସମୟରେ ହେବ ଯେତେବେଳେ ହୁକୁକୁଲ୍ ଇବାଦ୍ (ଭକ୍ତଙ୍କର ହକ୍) କୁ ତାହା ସହିତ ଦିଆଯିବ । ଏହି କଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ-ଅସଲ କଥା ଓ ସବୁଠାରୁ କଷ୍ଟସାଧ ତଥା ସମ୍ବେଦନଶୀଳ ବିଷୟ ସୃଷ୍ଟି ପ୍ରତିଥିବା ନିଜର କର୍ତବ୍ୟ ସମ୍ପାଦନ କରିବା ଅଟେ । ଦେଖ ଲୋକେ ନମାଜ ପଢି ନିଅନ୍ତି, ମସଜିଦ୍ ମଧ୍ୟ ଆସିଯାଇଥାନ୍ତି, ଚନ୍ଦା ପ୍ରଦାନ କରି ଦିଅନ୍ତି ଏବଂ ଆବଶ୍ୟକ ପଡ଼ିଲେ ପ୍ରାଣ ବଳୀ ମଧ୍ୟ ଦେଇଥାନ୍ତି କିନ୍ତୁ କେତେକ ସମୟରେ ମାନବ ଜାତି ପ୍ରତି ଥିବା ନିଜର କର୍ତବ୍ୟ ନିର୍ବାହ କରିବା ସେମାନଙ୍କ ପକ୍ଷେ ବଡ଼ କଷ୍ଟକର ହୋଇଯାଇଥାଏ । ପୁଣି କହିଲେ ଯେ ଅସଲ ସମ୍ବେଦନଶୀଳ ବିଷୟବସ୍ତୁ ଓ ଅବସ୍ଥା ହୁକୁକୁଲ୍ ଇବାଦ୍ (ସୃଷ୍ଟି ପ୍ରତି ଥିବା ନିଜର କର୍ତବ୍ୟ ସମ୍ପାଦନ କରିବା) ର ଅଟେ । କାରଣ ସବୁ ସମୟରେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ପ୍ରତ୍ୟେକ ମୁହୁର୍ତ ଏହି ଅବସ୍ଥା ସମ୍ମୁଖରେ ରହିଥାଏ । ତେଣୁ ଏଥିରେ ବେଶ୍ ସତର୍କତାର ସହ ଆଗକୁ ଗୋଡ଼ ବଢାଇବା ଉଚିତ୍ । ହଜୁର ଆ.ସ କୁହନ୍ତି ମୋର ତ ବିଶ୍ୱାସ ଶତ୍ରୁ ସହ ମଧ୍ୟ ଆବଶ୍ୟକତା ଠାରୁ ଅଧିକ କଠୋର ହେବା ଉଚିତ୍ ନୁହେଁ । ଦେଖ କେତେକ ଲୋକ ନିଜ ଶତ୍ରୁକୁ ଯେପର୍ଯ୍ୟନ୍ତ ସମ୍ଭବ କଷ୍ଟ ଦେବା ଓ ତାହାର ଅନିଷ୍ଟ କରିବା ପାଇଁ ପ୍ରଚେଷ୍ଟା କରିଥାନ୍ତି । ପୁଣି ଏଥିପାଇଁ ସେମାନେ ସମସ୍ତ ପ୍ରକାରର ବୈଧ ଓ ଅବୈଧ କାର୍ଯ୍ୟ କରିବାରେ ମଧ୍ୟ ପଛଘୁଂଚା ଦେଇନଥାନ୍ତି ଏବଂ ଶତ୍ରୁକୁ ବଦନାମ୍ କରିବା ନିମନ୍ତେ ମିଥ୍ୟା ଓ ତାହା ନାମରେ ଅପପ୍ରଚାର ତଥା ଅନ୍ୟକୁ ତାହା ବିରୁଦ୍ଧରେ ଉକସାଇବାରେ ପଶ୍ଚାତ୍‌ପଦ ଦେଇନଥାନ୍ତି । ତେବେ ଏକ ସାଧାରଣ ଶତ୍ରୁତା ଫଳରେ ଜଣେ କିଭଳି ପାପର ଭାଗୀଦାର ହୋଇଥାଏ । ପୁଣି ସେହି ଅପକର୍ମ ଯେତେବେଳେ ନିଜର ଛୁଆ ଜନ୍ମ କରିଥାଏ ତେବେ ଗୋଟିଏ ପରେ ଗୋଟିଏ ପାପ ବଢିଚାଲେ । ଯେମିତି ଛୁଆ ଜନ୍ମ ହେଉଛନ୍ତି । ଚିନ୍ତାକର ସେହି ଛୋଟ ଛୋଟ ଅପକର୍ମ ଯେତେବେଳେ ନିଜର ଛୁଆ ଜନ୍ମ କରିବେ ତେବେ ପରିସ୍ଥିତି କିଭଳି ଅସମ୍ଭାଳ ହେବ । ହଜୁର ଆ.ସ କୁହନ୍ତି- ଦେଖ ମୁଁ ସତ କହୁଅଛି ତୁମେ କାହାରିକୁ ନିଜର ଶତ୍ରୁ ମଣ ନାହିଁ ଏବଂ ଏହି ଦୁଶ୍ଚିନ୍ତାକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କର । ଯଦି ଅଲ୍ଲାଃ ତୁମ ସହିତ ଅଛନ୍ତି ଓ ତୁମେ ଅଲ୍ଲାଃଙ୍କର ହୋଇଯାଇଛ ତେବେ ସେ ତୁମ ଶତ୍ରୁମାନଙ୍କୁ ମଧ୍ୟ ତୁମ ଦାସମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଦେବେ । କିନ୍ତୁ ଯଦି ତୁମେ ଅଲ୍ଲାଃଙ୍କ ସହ ହିଁ ନିଜର ସମ୍ପର୍କ ତୁଟାଇ ବସ ଏବଂ ତାଙ୍କ ସହ ବନ୍ଧୁତାର କୌଣସି ସମ୍ପର୍କ ନରଖ ଏବଂ ତୁମ ଚାଲିଚଲଣ ଓ ଆଚାର ବ୍ୟବହାର ତାଙ୍କ ଆଦେଶ ବିରୋଧି ହୁଏ ତେବେ ତୁମର ଅଲ୍ଲାଃଙ୍କ ଠାରୁ ବଳି (ବଡ଼) ଶତ୍ରୁ ଆଉ କିଏବା ହୋଇପାରେ । ଦେଖ ସୃଷ୍ଟିର ଶତ୍ରୁତାରୁ ମଣିଷ ରକ୍ଷା ପାଇପାରେ କିନ୍ତୁ ଯେତେବେଳେ ଅଲ୍ଲାଃ ମଣିଷର ଶତ୍ରୁ ପାଲଟିଯାନ୍ତି ତେବେ ଯଦି ସମଗ୍ର ସୃଷ୍ଟି ତୁମର ବନ୍ଧୁ ସାଜନ୍ତି । ତେବେ ସେମାନେ ତୁମର କୌଣସି ପ୍ରକାର ସହାର୍ଯ୍ୟ କରିପାରିବେ ନାହିଁ । ତେଣୁ ତୁମର ବ୍ୟବହାର ଅବତାରମାନଙ୍କ ପରି ହେବା ଉଚିତ୍ । ଅଲ୍ଲାଃତାଲାଙ୍କ ଇଚ୍ଛା ଏହି କି ଯେ ତୁମେ ବ୍ୟକ୍ତିଗତ ଭାବରେ କାହା ସହ ଶତ୍ରୁତା କର ନାହିଁ । ଭଲ ଭାବରେ ମନେରଖ ଯେ, ମଣିଷକୁ ସମ୍ମାନ ଓ ସୌଭଗ୍ୟ ସେତେବେଳେ ଲାଭ ହୋଇଥାଏ ଯେତେବେଳେ ସେ ବ୍ୟକ୍ତିଗତ ଭାବରେ କାହାରିକୁ ନିଜର ଶତ୍ରୁ ମଣି ନଥାଏ । ହଁ ଅଲ୍ଲାଃ ଓ ରସୁଲଙ୍କ ସମ୍ମାନ ରକ୍ଷା ନିମନ୍ତେ ଏହି ନିୟମ ଭିନ୍ନ ଅଟେ । ଯଦି ଅଲ୍ଲାଃ ଓ ରସୁଲଙ୍କ ସମ୍ମାନ ରକ୍ଷା ନିମନ୍ତେ ତୁମକୁ କାହା ସହ ଶତ୍ରୁତା କରିବାକୁ ପଡ଼େ ଅର୍ଥାତ ଯେ ଅଲ୍ଲାଃ ଓ ରସୁଲଙ୍କର ଅସମ୍ମାନ କରେ କିମ୍ବା ତାଙ୍କୁ ନିଜର ଶତ୍ରୁ ମଣେ ତେବେ ଏପରି ବ୍ୟକ୍ତିକୁ ତୁମେ ମଧ୍ୟ ନିଜର ଶତ୍ରୁ ମଣ ଏବଂ ତାହାକୁ ଶତ୍ରୁ ମଣିବାର ଅର୍ଥ ନୁହେଁ କି ତୁମେ ତାହା ଉପରେ ମିଥ୍ୟା ଅଭିଯୋଗ ଆଣ ଓ ତାହା ସହ ପ୍ରତାରଣା କର ତାହାକୁ ଅଯଥା ଦୁଃଖ ଦେବା ଆରମ୍ଭ କରିଦିଅ, ତାହା ବିରୋଧରେ ଯୋଜନା ପ୍ରସ୍ତୁତ କର । ନା ଏପରି କରିବା ପରିବର୍ତେ ତାହାଠାରୁ ଦୂରେଇ ଯାଅ ଓ ଉକ୍ତ ମାମଲା ଅଲ୍ଲାଃଙ୍କ ଉପରେ ଛାଡ଼ିଦିଅ । ସମ୍ଭବ ହେଲେ ତାହା ପାଇଁ ଦୁଆ କର । କିନ୍ତୁ ତାହା ପାଇଁ ନିଜ ତରଫରୁ କୌଣସି ନୂତନ ସଡ଼ଯନ କିମ୍ବା ଝଗଡ଼ ଆରମ୍ଭ କର ନାହିଁ । ଆପଣ କୁହନ୍ତି ଏସବୁ ନିଜକୁ ପବିତ୍ର କରିବା ସମ୍ବନ୍ଧୀୟ ଅଟେ । ହଜୁର ଆ.ସ କୁହନ୍ତି- ଦେଖ ଏକଦା ହଜରତ ଅଲ୍ଲୀ ର.ଆ କେବଳ ଅଲ୍ଲାଃଙ୍କ ପାଇଁ ଜଣେ ଶତ୍ରୁସହ ଲଢୁଥିଲେ ଏବଂ ଶେଷରେ ତାହାକୁ ତଳେ କଚାଡ଼ି ତାହା ଛାତି ଉପରେ ବସିପଡ଼ିଲେ । ସେତେବେଳେ ସେ ଆପଣଙ୍କ ମୁହଁ ଉପରକୁ ଛେପ ଫିଙ୍ଗି ଦେଲା । ଆପଣ ସଙ୍ଗେସଙ୍ଗେ ତାଛାତିରୁ ଓହ୍ଲାଇ ଆସି ତାହାକୁ ଛାଡ଼ିଦେଲେ । ଏଥିପାଇଁ ଯେ ବର୍ତମାନ ସୁଧା ମୁଁ କେବଳ ଅଲ୍ଲାଃଙ୍କ ଖାତିର ଲଢୁଥିଲି କିନ୍ତୁ ଯେତେବେଳେ ସେ ମୋ ମୁହଁକୁ ଛେପ ଫିଙ୍ଗି ଦେଲା ଓ ତାପରେ ମୋର ତାକୁ ହତ୍ୟା କରିବା ନିଜ ପାଇଁ ନହେଇଯାଉ । ସୁତରାଂ ସେ ନିଜ ପାଇଁ ତାହାର ହତ୍ୟା କରିବାକୁ ଚାହୁଁ ନଥିଲେ । ଏଥିରୁ ସ୍ପଷ୍ଟ ହେଲା ଯେ, ଆପଣ ନିଜର ଶତ୍ରୁକୁ ମଧ୍ୟ ଶତ୍ରୁ ମଣୁ ନଥିଲେ । ଏହିପରି ସ୍ୱଭାବ ଓ ଅଭ୍ୟାସ ନିଜ ଭିତରେ ଉତ୍ପନ୍ନ କର । ଯଦି ନିଜର କାମନା ଓ ଲୋଭର ବଶବର୍ତୀ ହୋଇ କାହାରିକୁ ଦୁଃଖ ଦିଅ ଓ ଶତ୍ରୁତା କର ତେବେ ତାଠାରୁ ବଳି ଅଲ୍ଲାଃଙ୍କୁ ଅତିଷ୍ଟ କରିବା ଭଳି କାର୍ଯ୍ୟ ଅନ୍ୟ କଣ ହୋଇପାରେ ।

ସୁତରାଂ କୌଣସି ବ୍ୟକ୍ତଗତ ଝଗଡ଼ାକୁ ନେଇ କାହାରିକୁ ଦୁଃଖ ଦିଅ ନାହିଁ ଓ ଅଲ୍ଲାଃ, ରସୁଲଙ୍କ ଶତ୍ରୁକୁ ନିଜର ଶତ୍ରୁ ମଣ ଏବଂ ସେପରି ଲୋକଙ୍କଠାରୁ ଦୂରେଇ ରୁହ । ତାହାର ସୁଧାର ନିମନ୍ତେ ଦୁଆ କର ତାହାର ଆକ୍ରମଣର ଜବାବ୍ ବୈଧ ମାର୍ଗରେ ଦିଅ । କିନ୍ତୁ ଏପରି ନହୁଏ କି ତାହାର ପ୍ରତ୍ୟେକ କଥାକୁ ଖରାପ ମନେକରି ସମ୍ପୂର୍ଣ୍ଣ ରୂପେ ତାହା ସହ ଶତ୍ରୁତା ପ୍ରଦର୍ଶନ କର, କାରଣ ଏହା ଭୂଲ ଅଟେ ।

ଅଲ୍ଲାଃତାଲା ଆମ୍ଭକୁ ଧର୍ମଭୀରୁତାକୁ ସଠିକ୍ ରୂପେ ବୁଝିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମ୍ଭର ନମାଜ ଓ ଉପାସନା ତାଙ୍କର ସାନିଧ ଲାଭ କରୁ । ଆମ୍ଭେ ଅଲ୍ଲାଃଙ୍କ କୃପାର ଅଧିକାରୀ ହେଉ । ଅଲ୍ଲାଃତାଲା ଆମ୍ଭକୁ ନିଜ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବାର ଗଭିରତାକୁ ବୁଝିବାର ଶକ୍ତି ପ୍ରଦାନ କରନ୍ତୁ । ଆମ୍ଭର ପ୍ରତ୍ୟେକ କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ତାହା ସାଂସାରିକ ହେଉ ନା କାହିଁକି ଅଲ୍ଲାଃଙ୍କ ପ୍ରିତିଭାଜନ ଲାଭ କରିବା ଅଟେ । ଅଲ୍ଲାଃ ଆମ୍ଭକୁ ଏସବୁକିଛି ହାସଲ କରିବାର ଶକ୍ତି ପ୍ରଦାନ କରନ୍ତୁ ।

ପୃଷ୍ଠା-୧୧ ର ଅବଶିଷ୍ଟାଂଶ.....

କର । ଭାବନା ଆସିଯାଏ କିନ୍ତୁ ଏହା ତ ଯୁଦ୍ଧ ଅଟେ । ନମାଜ କାଏମ୍ କରିବା ପାଇଁ ପବିତ୍ର କୋରାନ୍‌ରେ ନିର୍ଦ୍ଦେଶ ଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି ଯେ ନମାଜ କାଏମ୍ କରିବାର ଏହା ମଧ୍ୟ ଗୋଟିଏ ଅର୍ଥ ଯେ ନମାଜ ପଢ଼ିବା ସମୟରେ ବାରମ୍ବାର ଭାବନା ଆସିଯାଏ । ତେବେ ଯେତେବେଳେ ଏହି ଭାବନା ଆସେ ସେହି ଭାବନାଗୁଡିକୁ ଛାଡ଼ି ନମାଜ ପ୍ରତି ଧ୍ୟାନ ଦିଅ । ଏହା ମଧ୍ୟ ନମାଜକୁ କାଏମ୍ (ସ୍ଥାପନ) କରିବା ଅଟେ । ଚେଷ୍ଟାକର ! ମଣିଷ ଧିରେ ଧିରେ ଚେଷ୍ଟା କରିବା ଦ୍ୱାରା ତାହା ଅଭ୍ୟାସ୍‌ରେ ମଧ୍ୟ ପରିଣତ ହୋଇଯାଏ । ଯଦ୍ୱାରା ଭାବନା ଆସେନାହିଁ ।

*ଜଣେ ଯୁବକ ଓ୍ୱକ୍‌ଫେ ନୌ ପ୍ରଶ୍ନ କଲେ ଯେ ଯେତେବେଳେ ଆପଣ ଘାନା ଯାଇଥିଲେ ସେଠାରେ ଆପଣଙ୍କୁ କଣ କଣ କଠିନତାର ସାମ୍‌ନା କରିବାକୁ ପଡ଼ିଲା । ଶୁଣିବାକୁ ମିଳୁଛି ଯେ ସେଠାରେ ବେଳେବେଳେ ପାଣି ମଧ୍ୟ ମିଳେନାହିଁ । ସେଠି ଏପର୍ଯ୍ୟନ୍ତ କେତେ ଅହେମଦୀ ହେଲେଣି ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ମୁଁ ତ ଓ୍ୱକ୍‌ଫ୍ କରି ଯାଇଥିଲି । ତେଣୁ କଠିନତା କାହିଁକି ହେବ । ମତେ ତ କେବେ ଅନୁଭବ ହୋଇନାହିଁ ଯେ କିଛି କଷ୍ଟ ହୋଇଛି ବୋଲି । କଷ୍ଟ ତ ତାହା ଯେତେବେଳେ ତାହା ହୋଇଥାଏ ତ ମଣିଷ ଭାବେ ଯେ ଏହା କଷ୍ଟ ଅଟେ ବୋଲି । ଯେତେବେଳେ ପାଣି ନଥିଲା ମୁଁ ମୋ ଗାଡ଼ି ଉପରେ ଡ୍ରମ୍ ରଖି ନେଇଯାଉଥିଲି ଏବଂ କୌଣସି ଦୂଷିତ ପୋଖରୀରୁ ଡ୍ରମ୍‌କୁ ପୁରାଇ କରି ପାଣି ନେଇଆସୁଥିଲି । ଘରେ ଆଣି ତାକୁ ସଫା କରୁଥିଲି । ବେଳେବେଳେ ସେଠାରେ କାମ କରିବା ବାଲା ମିଳିଯାଉଥିଲେ । ସେମାନେ ନିଜେ ପାଣି ନେଇଆସୁଥିଲେ । ଏପରି ଛୋଟ ମୋଟ ଜିନିଷ ଓ୍ୱକ୍‌ଫ ସାମ୍‌ନାରେ ଆସିଥାଏ ତାକୁ ମୁସ୍‌କିଲ୍ (କଠିନତା) କୁହାଯାଏନାହିଁ । ସେଥିପାଇଁ ପ୍ରସ୍ତୁତ ହୋଇ ଯିବା ଉଚିତ୍ । ଯେତେବେଳେ ଜୀବନ ଓ୍ୱକ୍‌ଫ୍ କରିଦେଲ ତେବେ ପୁଣି ଏହା ଭାବିବା ଉଚିତ୍ ନୁହେଁ ଯେ ମୋ ପାଇଁ ଏହା କଠିନ୍ ଅଟେ ।

ଘାନାରେ ମୋ ଅନୁମାନ ମୁତାବକ ଏକ ମିଲିୟନ୍‌ରୁ ଅଧିକ ଅହେମଦୀ ଅଛନ୍ତି । ଯେବେ ମୁଁ ଅଶୀ ଦଶକରେ ସେଠାରେ ଥିଲି ସେତେବେଳେ ଜଲ୍‌ସାରେ ଏତେ ଉପସ୍ଥାନ ହେଉନଥିଲା । ୮-୧୦ ହଜାର ଲୋକ ହେଉଥିଲେ । କିନ୍ତୁ ୧୯୮୧ ମସିହାରେ ପ୍ରଶାସନ ତରଫରୁ ଯେଉଁ ଜନଗଣନା ହୋଇଥିଲା ସେତେବେଳେ ଯେଉଁମାନେ ନିଜକୁ ଅହେମଦୀ ବୋଲି ନାମ ଲେଖାଇଥିଲେ ସେମାନଙ୍କର ସଂଖ୍ୟା ୩ଲକ୍ଷ୍ୟରୁ ଅଧିକ ଥିଲା । ଯଦି ସେ ସମୟରେ ୩ଲକ୍ଷ୍ୟ ଥିଲେ ଏବେ ତ ବହୁତ ଅଧିକା ବୟତ୍ ହୋଇଗଲାଣି । ମୁଁ ବହୁତ ଭାବି ଚିନ୍ତି କରି ଅନୁମାନ ଲଗାଉଛି । ଆଶା କରୁଛି ଏହାଠୁ ଅଧିକ ହେବେ । ଏବେ ତ ପ୍ରତ୍ୟେକ ବର୍ଷ ଅହେମଦୀ ହେଉଛନ୍ତି ଏବଂ ହଜାର ହଜାର ହେଉଛନ୍ତି । ଆଜିଠାରୁ ପନ୍ଦର ଷୋହଳ ବର୍ଷ ପୂର୍ବେ କିଛି ବୟତ ହୋଇଥିଲା । କିନ୍ତୁ ସେମାନେ ଦୂରଦୂରାନ୍ତ ଅଂଚଳରେ ଥିବା ଯୋଗୁଁ ତାଙ୍କ ସହିତ ଯୋଗାଯୋଗ ହୋଇପାରିଲା ନାହିଁ । କିଛି ମୌଲବୀମାନେ ତାଙ୍କୁ ଡ଼ରାଇ ତଡ଼ିଦେଲେ । କିନ୍ତୁ ଯେତେବେଳେ ୨୦୦୩ ମସିହାରେ ମୁଁ ଖଲିଫା ହେବା ପରେ ମୁରବୀମାନଙ୍କ ସହିତ ମୋର ମିଟିଂ ହୋଇଥିଲା ମୁଁ ତାଙ୍କୁ ଏହା କହିଥିଲି ଯେ ଆଫ୍ରିକାରେ ଯେଉଁ ବୟତ୍ ହୋଇଛି ତାଙ୍କ ସହିତ ଯୋଗାଯୋଗ କରାଯାଉ । ତାଙ୍କୁ ପୁଣି ଅଣାଯାଉ । ଯେଉଁମାନେ ନହାଁନ୍ତି ତାଙ୍କୁ ତବ୍‌ଲିଗ୍ କରି ଜଣାଇ ଦିଆଯାଉ । ଏବେ ଆମେ ଛୋଟ ରୁ ଛୋଟ ଗାଁରେ ମଧ୍ୟ ବୟତ୍ କରାଉଛୁ । ଚେଷ୍ଟା କରୁଛୁ ଯେ ସେଠାରେ ମସ୍‌ଜିଦ୍ ତିଆରି ହେଉ । ଯଦ୍ୱାରା ତାଙ୍କର ଯୋଗାଯୋଗ ଯମାତ୍ ସହିତ ରହୁ । କିଛି ଦୂରଦୂରାନ୍ତ ଇଲାକା ଯେଉଁଠି ଯିବାପାଇଁ କୌଣସି ରାସ୍ତା ନାହିଁ କେବଳ ଜଙ୍ଗଲରେ ଗୋଟିଏ ସାଇକେଲ୍‌ର ରାସ୍ତା ଅଛି ଯେଉଁଥିରେ ଜଣେ ଯାଇପାରିବ ସେଠାକୁ କୌଣସି ଗାଡ଼ି ମଧ୍ୟ ଯାଇପାରୁନାହିଁ । ମୋର ମନେଅଛି ଯେତେବେଳେ ମୁଁ ଉତର ଇଲାକାରେ ଥିଲି ଆମର ସ୍କୁଲ୍ ସେଠାରେ ଥିଲା କିନ୍ତୁ କେହି ଅହେମଦୀ ନଥିଲେ । ମୁଁ ଜଣେ ମାତ୍ର ଏକେଲା ଅହେମଦୀ ଥିଲି । ପୁଣି ଧିରେଧିରେ ଗୋଟିଏ ପିଲ ସ୍କୁଲ୍‌କୁ ଆସିଲା । ପୁରି ଦୁଇ ତିନି ଜଣ ଅହେମଦୀ ହୋଇଗଲେ । ପୁଣି ଲୋକାଲ୍ ମିଶ୍‌ନାରି ରଖାଗଲା । ପୁଣି ମୋର ସ୍ତ୍ରୀ ପିଲା ମଧ୍ୟ ଆସିଗଲେ । ଯେତେବେଳେ ମୁଁ ପ୍ରଥମ ଇଦ୍ ପଢ଼ିଲି ସେତେବେଳେ ଆସେ ତିନିଜଣ ଲୋକ ଥିଲୁ । କିନ୍ତୁ କ୍ୟାଥେଲିକ୍ ଚର୍ଚ୍ଚ୍ ବହୁତ ସୁନ୍ଦର ଥିଲା । ମୋ ଘରେ କିରୋସିନ୍ ତେଲରେ ଲ୍ୟାମ୍ପ୍ ଜଳୁଥିଲା । ବିଜୁଳି ମଧ୍ୟ ନଥିଲା । ତାଙ୍କ ପାଖର ଜେନେରେଟର୍ ଚଳୁଥିଲା, ମଟର ସାଇକେଲ୍ ଏପରିକି ସବୁ ଜିନିଷ ଉପଲବ୍ଧ ଥିଲା । ଆମକୁ ଯଦି ବୁଲିବାକୁ ହୁଏ ତେବେ ସାଇକେଲ୍ ଦ୍ୱାରା ବୁଲୁଥିଲୁ । ମୁଁ ଦେଖୁଥିଲି ଯେ ପାଦ୍ରୀମାନେ ମୋଟର୍ ସାଇକେଲ୍ ଦ୍ୱାରା ଦୂର ଦୂରାନ୍ତ ଇଲାକାରେ ପହଂଚି ଯାଉଛନ୍ତି କାରଣ ଉତରରେ ବହୁତ ମୁଶ୍‌ରିକ୍(ଅନେକେଶ୍ୱର) ଲୋକ ରହୁଥିଲେ । ଟ୍ରାଡିସିନାଲ୍ କବିଲାର ଲୋକଥିଲେ । ପ୍ରଥମେ ତ ଆମର ଏପରି ଅବସ୍ଥା ଥିଲା । କିନ୍ତୁ ଏବେ ଅଲ୍ଲାହ୍‌ଙ୍କ ଦୟାରୁ ସେଠାରେ ଯମାତ ତିଆରି ହୋଇଗଲାଣି । ସେହି ଇଲାକାରେ ଯେଉଁଠି ମୁଶରିକ୍ ଲୋକ ଥିଲେ ସେମାନେ ଇସ୍‌ଲାମ୍‌ର ବହୁତ ବିରୋଧି ଥିଲେ । କିନ୍ତୁ ଏବେ ତାଙ୍କର ବଡ଼ ବଡ଼ ଲିଡର୍ ମଧ୍ୟ ମୁସଲ୍‌ମାନ୍ ହୋଇଗଲେଣି । ଅଲ୍ଲାହ୍‌ଙ୍କ ଦୟାରୁ ବଡ଼ ବଡ଼ ମସ୍‌ଜିଦ୍ ମଧ୍ୟ ତିଆରି ହୋଇଗଲାଣି । ଗୋଟିଏ ଟମାଲେ ସହର ଥିଲା । ମୋ ରହିବା ଯାଗାରୁ ତାହା ସତୁରୀ ମାଇଲ୍ ଦୂରରେ ଥିଲା । ସେଠି ଗୋଟିଏ ଛୋଟିଆ ମସ୍‌ଜିଦ୍ ଥିଲା । ଯେଉଁଥିରେ ମୋ ଅନୁମାନ୍‌ରେ ଅଧିକରୁ ଅଧିକ ଶହେ ଜଣ ଲୋକ ନମାଜ ପଢ଼ିପାରୁଥିଲେ । କିନ୍ତୁ ଏବେ ତାହା ଦୁଇ ମହଲା ବିଶିଷ୍ଟ ମସ୍‌ଜିଦ୍ ଅଟେ । ସେହି ମସ୍‌ଜିଦ୍‌ର ଦୁଇଟି ହଲ୍ ଅଛି ଯାହା ଏଠାକାର ମସ୍‌ଜିଦ୍ ହଲ୍ ଠାରୁ ବଡ଼ ଅଟେ । ତେଣୁ ଯମାତ୍ ଉନ୍ନତି କରି ଚଳିଛି । ସେଥିଯୋଗୁଁ ବଡ଼ ବଡ଼ ମସ୍‌ଜିଦ୍ ତିଆରି ହୋଇ ଚଳିଛି । ଲୋକମାନେ ଆସୁଛନ୍ତି ଏବଂ ମସ୍‌ଜିଦ୍ ମଧ୍ୟ ଭରପୁର୍ ହୋଇଯାଉଛି । କେତେଗୁଡିଏ ଗ୍ରାମ ମଧ୍ୟ ସେଠି ପରେ ଅହେମଦୀ ହୋଇଛନ୍ତି । ଅଲ୍ଲାହ୍‌ଙ୍କ କୃପାରୁ ଯମାତ ବହୁତ କ୍ଷିପ୍ର ଗତିରେ ବଢ଼ି ଚଳିଛି ।

ପୃଷ୍ଠା-୨ ର ଅବଶିଷ୍ଟାଂଶ.....

ମୈତ୍ରୀଭାବ ପୋଷଣ କର । ଏହା ହିଁ ତୁମକୁ ଧର୍ମନିଷ୍ଠତାର ଅଧିକ ନିକଟବର୍ତୀ କରାଇବ ।

‘(ଅଲ୍-ମାଏଦା ୯)

ସେହିପରି ୨୦୧୩ ମସିହାରେ ବ୍ରିଟିଶ ସାଂସଦ ଭବନରେ ଜମାଅତର ମହାମାନ୍ୟ ଖଲିଫା ଅନ୍ୟ ଏକ ଭାଷଣ ପ୍ରସଙ୍ଗରେ କହିଛନ୍ତି;

‘ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେମାନେ ଭଲ ଭାବରେ ସଚେତନ ଅଛନ୍ତି । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗ୍‌ବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥିବୀ ଆଜି ଯେଉଁ ଆଡକୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହାଯୁଦ୍ଧ ଲାଗି ଯିବାର ଆଶଙ୍କା ଦେଖା ଦେଇଛି ।’

ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ବିଶ୍ୱ ନିୟନ୍ତା ଜୀବିତ ଈଶ୍ୱରଙ୍କ ସହିତ ଯୋଗ ସୂତ୍ର ସ୍ଥାପନ କରିବା ତଥା ମାନବ ଜାତି ପ୍ରତି ରହିଥିବା ଆମର କର୍ତବ୍ୟ ପାଳନ କରିବାକୁ ହେବ ସେଥିପାଇଁ ଆମେ ନ୍ୟାୟ,ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ । ଏହା ମାନ୍ୟବର ଖଲିଫା ଲଣ୍ଡନ ସ୍ଥିତ ଗିଲ୍ଡ ହଲଠାରେ ୨୦୧୪, ଫେବୃଆରୀ ୧୧ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ବିଶ୍ୱଧର୍ମ ସମ୍ମିଳନୀ ଅବସରରେ “ଏକବିଂଶ ଶତାବ୍ଦୀରେ ଈଶ୍ୱରଙ୍କ ଭୂମିକା” ଶୀର୍ଷକ ପ୍ରସଙ୍ଗ ଉପରେ ବିଶ୍ୱନେତା ମାନଙ୍କୁ ଉଦବୋଧନ ଦେଇ କହିଥିଲେ ।

ଆସନ୍ତୁ, ଆମେମାନେ ଏହି ସଂକଳ୍ପ ନେବା ଯେ ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚହୁଁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ । ମାନବୀୟ ଏକତା ଓ ଏକେଶ୍ୱର ବାଦର ପ୍ରତିଷ୍ଠା ପାଇଁ ଜମାଅତ ଅହମଦୀୟାର ପାଦ ସହିତ ପାଦ ମିଳାଇ ଯଦି ଆମେ ଏହି ଅଭିଯାନରେ ସାମିଲ ନ ହେବା ଏବଂ ଯଦି ଏବେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଓ ମୂଳ ବାସ୍ତବିକତାକୁ ପାଶୋରି ଦେବା, ତାହେଲେ ଆତଙ୍କବାଦର ମୂଳୋତ୍ପାଟନ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କୌଣସି ପ୍ରତିଶ୍ରୁତି ବଦ୍ଧତାର ମୂଲ୍ୟ ରହିବ ନାହିଁ ।

ଇଂ ରୌଶନ ଖାନ
ଅଧ୍ୟକ୍ଷ ରିଭ୍ୟୁ କମିଟି, ଓଡିଶା
ସମ୍ବଲପୁର, ମୋ:୯୪୩୭୬୮୪୮୫୯

# ଖୁତ୍‌ବା ଜୁମା

■ ଏହି ଯୁଗରେ ଅଲ୍ଲାଃତାଲାଙ୍କ ସାନିଧ୍ୟ ଲାଭ ଓ ତାଙ୍କ (ପ୍ରିୟ) ଧର୍ମକୁ ବୁଝିବା ନିମନ୍ତେ ନିଜ ଅଙ୍ଗୀକାର ମୁତାବକ ହଜରତ ମହମ୍ମଦ ସ.ଆଙ୍କ ଦାସ ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କରି ସଂସାରବାସୀଙ୍କୁ କହିଲେ କି ଯଦି ତୁମେ ପ୍ରକୃତ ଶାନ୍ତି ଚାହଁ ତେବେ ତାଙ୍କର ବୟତ କରିନିଅ କାରଣ ଏହା ମୋ ନିକଟବର୍ତୀ ହେବାର ମାର୍ଗ ଅଟେ ଏବଂ ନିଜ ଉପାସନାର ସତ୍ୟାସତ୍ୟ ଓ ଦୁଆ ସ୍ୱୀକୃତି ପାଇବାର ନିଦର୍ଶନ ଦେଖ ।

■ ମୋତେ ଅନେକ ଲୋକ ପତ୍ର ଲେଖି ଜଣାଇଥାନ୍ତି କି କିଭଳି ସେମାନେ ଅଲ୍ଲାଃଙ୍କ ନିଦର୍ଶନ ଦେଖି ବୟତ କଲେ ଏବଂ ବର୍ତମାନ ସେମାନଙ୍କ ବିଶ୍ୱାସକୁ କେହି ଆନ୍ଦୋଳିତ କରିପାରିବେ ନାହିଁ । ତେଣୁ ବର୍ତମାନ ଆମ୍ଭକୁ କୌଣସି ପ୍ରମାଣର ଆବଶ୍ୟକତା ନାହିଁ । କିନ୍ତୁ କେତେକ ଲୋକ ବିରୁଦ୍ଧାଚରଣରେ ଏଭଳି କଠୋର ହୋଇଥାନ୍ତି କି କୌଣସି କଥା ଶୁଣିବା ପାଇଁ ପ୍ରସ୍ତୁତ ନଥାନ୍ତି । ପୁଣି କେତେକ ଲୋକ ଏପରିଥାନ୍ତି ଯାହାଙ୍କ ମଧ୍ୟରେ ଅହଂଭାବ ନଥାଏ, ସେମାନଙ୍କ ଭିତରେ ମାନବିକତା ଥାଏ । ଏପରି ଲୋକଙ୍କୁ ଅଲ୍ଲାଃ ସତ୍‌ମାର୍ଗ ପ୍ରଦର୍ଶନ କରିଥାନ୍ତି । ଯଦି ସେମାନେ ଉକ୍ତ ମାର୍ଗକୁ ଗ୍ରହଣ କରିନିଅନ୍ତି, ତେବେ ଅଲ୍ଲାଃତାଲାଙ୍କ (ବିଶେଷ) କୃପାର ଭାଗୀଦାରି ହୋଇଥାନ୍ତି ।

■ ଆଜିକାଲି M.T.A ମାଧ୍ୟମରେ ଅନେକ ଲୋକ ପ୍ରକୃତ ଇସଲାମ ଅର୍ଥାତ ଅହେମଦିୟତ୍‌ର ସନ୍ଧାନ ପାଇ ଏଥିରେ ଅନ୍ତର୍ଭୁକ୍ତ ହେଉଛନ୍ତି ।

■ ଗୋଟିଏ ପାର୍ଶ୍ୱରେ ମୌଲବି ମୂର୍ଖାମାନେ ଗର୍ବ ଓ ଅହଂକାରର ବଶବର୍ତୀ ହୋଇ ଇସଲାମ ନାମରେ ବିଭ୍ରାଟ ସୃଷ୍ଟି କରିଚାଲିଛନ୍ତି । ନିଜ ସ୍ୱାର୍ଥ ପୂରଣ କରିବା ପାଇଁ ମୁସଲମାନମାନେ ହିଁ ମୁସଲମାନମାନଙ୍କର ହତ୍ୟା କରୁଛନ୍ତି । ଅନ୍ୟ ପାର୍ଶ୍ୱରେ ଅଲ୍ଲାଃତାଲାଙ୍କୁ କୌଣସି ପିତୁଳା ପୂଜାକାରୀର କୌଣସି ପୁଣ୍ୟ ପସନ୍ଦ ଆସିଥାଏ ଅବା ଅଲ୍ଲାଃଙ୍କର ସେମାନଙ୍କ ଉପରେ କୃପା ବର୍ଷଣ ହୋଇଥାଏ । ଯଦ୍ୱାରା ଅଲ୍ଲାଃ ସେମାନଙ୍କୁ ଇସଲାମୀୟ ଶିକ୍ଷା ମୁତାବକ ଅମଳ କରିବା ଓ ପ୍ରକୃତ ଇସଲାମୀୟ ଶିକ୍ଷାର ପ୍ରଚାର କରିବା ଓ ବିଭ୍ରାଟକୁ ରୋକିବା ପାଇଁ ଛିଡ଼ା କରି ଦେଇଥାନ୍ତି ।

■ ମଣିଷ ଯଦି ନମ୍ର ଆଚରଣ କରେ ତେବେ ଅଲ୍ଲାଃତାଲା ତାହାକୁ ନିଜର (ବିଶେଷ) କୃପା ପ୍ରଦାନ କରିଥାନ୍ତି । କିନ୍ତୁ ଯଦି ଗର୍ବ ଓ ଅହଂକାରରେ ଆଗକୁ ବଢିଚାଲେ ତେବେ ଯେତେ ନମାଜ ପାଠ କଲେ, ଦୁଆ କଲେ, ନିଜକୁ ପୁଣ୍ୟବନ୍ତ ମନେକଲେ ତଥା ହଜ କରିଥିଲେ ମଧ୍ୟ ଅଲ୍ଲାଃଙ୍କ ନିକଟରେ ସତ୍‌ପଥ ପ୍ରାପ୍ତ ହୋଇନଥାଏ ।

■ ସୁତରାଂ ଆମ୍ଭ ସମସ୍ତଙ୍କର କର୍ତବ୍ୟ ଯେ, ଆମ୍ଭେ ଦର୍ଦର ସହ ପ୍ରକୃତ ଇସଲାମୀୟ ଶିକ୍ଷା ସହ ସଂସାରବାସୀଙ୍କୁ ଅବଗତ କରାଇବା ସହିତ ଦୁଆ ମଧ୍ୟ କରଚାଲିବା ।

■ ପାରମ୍ପରିକ ବୟତରେ କୌଣସି ଉପକାର ସାଧିତ ହୋଇନଥାଏ । ପ୍ରକୃତ ବୟତର ଭାଗୀଦାର ହେବା କଷ୍ଟକର । ବୟତର ପ୍ରକୃତ ଭାଗୀଦାର ସେତେବେଳେ ହେବ ଯେତେବେଳେ ନିଜ ଅସ୍ତିତ୍ୱକୁ ଧୁଳିସାତ କରି ପ୍ରେମ ଓ ନିଷ୍ଠାପରତାର ସହ ନିଜ ଧର୍ମଗୁରୁଙ୍କ ସହିତ ଯୋଡ଼ି ହୋଇଯିବା ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍‌ତ: ୧୦ ଫେବୃୟାରୀ ୨୦୧୭ ଅନୁଯାୟୀ ୧୦ ତବ୍‌ଲିଗ୍ ୧୩୯୬ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଅନେକ ସମୟରେ ଦେଖାଯାଉଛି ଯେ, ସଂସାରବାସୀ କେବଳ ସଂସାରରେ ମାତି ଚାଲିଛନ୍ତି । ସାଂସାରିକ ଭୋଗବିଳାସ ଲାଭ କରିବାର ଯେମିତି ଏକ ପ୍ରତିଯୋଗିତା ଚାଲିଛି । ସଂସାରକୁ ପ୍ରାଥମିକତା ଦେଇ ଅଲ୍ଲାଃ ଓ ଧର୍ମକୁ ପଛରେ ଛାଡ଼ି ବସିଛନ୍ତି ଏବଂ ଏପରି ବ୍ୟକ୍ତିଗଣଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି । ଯେ ଅଲ୍ଲାଃଙ୍କ ଅସ୍ତିତ୍ୱର ହିଁ ଅସ୍ୱୀକାର କରୁଛନ୍ତି ଏବଂ ଧର୍ମକୁ (ନଉଜୁବିଲ୍ଲାଃ) ନିରର୍ଥକ ମନେକରୁଛନ୍ତି । କିନ୍ତୁ କିଛି ଲୋକ ଏପରି ମଧ୍ୟ ଅଛନ୍ତି ଯେ ଅଲ୍ଲାଃଙ୍କୁ ପ୍ରାପ୍ତ କରିବା ଓ ତାଙ୍କ ମାର୍ଗର (ଧର୍ମ) ଅନୁସନ୍ଧାନରେ ଥାନ୍ତି । ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ କରିବା ଲକ୍ଷରେ ଥାନ୍ତି । ସେମାନେ ସତ୍ ଧର୍ମକୁ ଚିହ୍ନିବା ପାଇଁ ସର୍ବଦା ଚେଷ୍ଟାରତ ରହିବା ସହିତ ତାହାର ଅନ୍ତର୍ଭୁକ୍ତ ହେବା ପ୍ରତି ଆଗ୍ରହୀ ଥାନ୍ତି ଏଥିପାଇଁ ସେମାନେ ଦୁଆ କରିବା ସହିତ ବ୍ୟତିବ୍ୟସ୍ତ ମଧ୍ୟ ରହିଥାନ୍ତି । ନିଶ୍ଚିତ ଭାବରେ ଯେତେବେଳେ ଏପରି ଦରଦର ସହ ପୁଣ୍ୟବନ୍ତ ଲୋକମାନେ ଚେଷ୍ଟା କରିଥାନ୍ତି ସେତେବେଳେ ଅଲ୍ଲାଃତାଲା ମଧ୍ୟ ସେମାନଙ୍କ ମାର୍ଗ ଦର୍ଶନ କରିଥାନ୍ତି ଅର୍ଥାତ ସେମାନଙ୍କୁ ସତ୍‌ମାର୍ଗ ଦେଖାଇଥାନ୍ତି । ବିଭିନ୍ନ ମାଧ୍ୟମରେ ସେମାନଙ୍କ ଆତ୍ମଶାନ୍ତି ଓ ପ୍ରକୃତ ଧର୍ମକୁ ବୁଝିବାର ବ୍ୟବସ୍ଥା କରିଦେଇଥାନ୍ତି । ସେମାନଙ୍କ ବିଶ୍ୱାସକୁ ବହୁଗୁଣିତ କରିଥାନ୍ତି । ଏହି ଯୁଗରେ ଅଲ୍ଲାଃତାଲାଙ୍କ ସାନିଧ୍ୟ ଲାଭ ଓ ତାଙ୍କ (ପ୍ରିୟ) ଧର୍ମକୁ ବୁଝିବା ନିମନ୍ତେ ନିଜ ଅଙ୍ଗୀକାର ମୁତାବକ ହଜରତ ମହମ୍ମଦ ସ.ଆଙ୍କ ଦାସ ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କରି ସଂସାରବାସୀଙ୍କୁ କହିଲେ କି ଯଦି ତୁମେ ପ୍ରକୃତ ଶାନ୍ତି ଚାହଁ ତେବେ ତାଙ୍କର ବୟତ କରିନିଅ କାରଣ ଏହା ମୋ ନିକଟବର୍ତୀ ହେବାର ମାର୍ଗ ଅଟେ ଏବଂ ନିଜ ଉପାସନାର ସତ୍ୟାସତ୍ୟ ଓ ଦୁଆ ସ୍ୱୀକୃତି ପାଇବାର ନିଦର୍ଶନ ଦେଖ ।

ଯମାତ୍ ଅହେମଦୀୟାର ଭୁତକାଳ ଓ ବର୍ତମାନ ମଧ୍ୟ ଏପରି ଘଟଣାରେ ପୁରି ରହିଛି ଏବଂ ପ୍ରତ୍ୟେକ ଦିନ ଦୁନିଆର କୌଣସି ଗ୍ରାମ, ସହର ଏବଂ ଦେଶରେ ଏପରି ଘଟଣା ଘଟି ଚାଲିଛି ଯାହାଦ୍ୱାରା ନାଁ କେବଳ ନୂତନ ହିଦାୟତ ପାଇ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍‌ରେ ସାମିଲ୍ ହେଉଥିବା ଲୋକଙ୍କର ଇମାନ୍ (ବିଶ୍ୱାସ) ରେ ବୃଦ୍ଧି ଘଟୁଛି ଏବଂ ବିଶ୍ୱାସ ଦୃଢ଼ିଭୁତ ହେଉଛି ବରଂ ପୁରୁଣା ଅହେମଦୀ ଓ ଜନ୍ମଗତ ଅହେମଦୀଙ୍କ ଇମାନ୍‌ରେ ମଧ୍ୟ ସତେଜତା ଆସି ତାଙ୍କ ଇମାନ୍‌କୁ ଦ୍ୱିଗୁଣିତ କରିଦେଉଛି ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଏପରି କିଛି ଲୋକଙ୍କ ସହ ସମ୍ପର୍କିତ ଘଟଣାର ଚର୍ଚ୍ଚା କରିବି ଯେଉଁମାନଙ୍କୁ କି ଅଲ୍ଲାଃତାଲା କେବଳ ନିଜ କୃପା ଦ୍ୱାରା ସତ୍‌ମାର୍ଗ ପ୍ରାପ୍ତ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ଅମିର ସାହେବ ଗେମ୍ବିଆ ଦର୍ଶାଇଛନ୍ତି କି ନୟାମିନା ରାଜ୍ୟର ଗୋଟିଏ ଗ୍ରାମର ଜଣେ ମହିଳା ସିସ୍‌ଟର କାନିଫାଟି ଯାହାଙ୍କ ବୟସ ୬୫ବର୍ଷ ହେବ, ବିଗତ ଦଶ ବର୍ଷ ହେଲା ସେ ଗୋଡ଼ରେ ପ୍ରବଳ ଯନ୍ତଣା ଅନୁଭବ କରୁଥିଲେ । ସେଥିଯୋଗୁ ସେ ଚଲାବୁଲା ମଧ୍ୟ କରିପାରୁ ନଥିଲେ । ସମସ୍ତ ପ୍ରକାରର ଚିକିତ୍ସା ସତ୍ତ୍ୱେ କୌଣସି ସୁଫଳ ମଧ୍ୟ ମିଳୁନଥିଲା । ଏକଦା ସେ ନିଜ ଗ୍ରାମରୁ ବହୁ ଦୂରରେ ଅବସ୍ଥିତ ବନସଙ୍ଗ (ଗ୍ରାମକୁ) ଗଲେ । ସେଠାରେ ଭାଗ୍ୟ ବଶତଃ ତାଙ୍କୁ M.T.A ରେ ମୋ ଖୁତବା ଶୁଣିବାର ସୁଯୋଗ ମିଳିଲା । ସେଠାରୁ ନିଜ ଗ୍ରାମକୁ ଫେରିବା ପରେ ସେ ସ୍ୱପ୍ନରେ ଦେଖିଲେ ଯେଉଁଥିରେ ତାଙ୍କୁ କେହି ଜଣେ କହିଲେ କି ତୁମେ ଟିଭିରେ ଯାହାଙ୍କୁ ଦେଖିଥିଲ, ତାଙ୍କରୀ ଅନୁସରଣ କର କାରଣ ସେ ହିଁ ତୁମକୁ ସଠିକ୍ ଓ ମୁକ୍ତି ପାଇବାର ପଥ ଦର୍ଶାଇବେ । ସୁତରାଂ ସେ ବୟତ କରିନେଲେ, ତାପରେ ତାଙ୍କର ଗୋଡ଼ର ଯନ୍ତଣା ମଧ୍ୟ ଦୂର ହୋଇଗଲା । ଯଦ୍ୱାରା ତାଙ୍କ ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧି ଘଟିଲା । ବର୍ତମାନ ସେ ସମଗ୍ର ଗ୍ରାମରେ (ଇସଲାମ) ଧର୍ମ ପ୍ରଚାର କାର୍ଯ୍ୟରତ ଏବଂ ଲୋକମାନଙ୍କୁ କହୁଛନ୍ତି କି ଅଲ୍ଲାଃତାଲା କିଭଳି ଜମାଅତର ଅନ୍ତର୍ଭୁକ୍ତ ହେବା ଫଳରେ ମୋର ଯନ୍ତଣା ଦୂର କରିଦେଲେ ।

ଅଲ୍ଲାଃତାଲା ମଧ୍ୟ ଯାହାକୁ ତାଙ୍କର ପୁଣ୍ୟ ଜରିଆରେ ବଂଚାଇବାକୁ ଚାହାଁନ୍ତି ବା କାହାର କୌଣସି ପୁଣ୍ୟ ପସନ୍ଦ ଆସିବା ଦ୍ୱାରା ତାଙ୍କ ପାଇଁ ଅଜବ ପ୍ରକାରର

ଉପାୟରେ ପଥ ପ୍ରଦର୍ଶନ କରିଥାନ୍ତି । ଜଣେ ସାଂସାରିକ ବ୍ୟକ୍ତି କହିପାରେ ଯେ ଇଏ ଗାଁରେ ରହୁଥିବା ଜଣେ ମୁର୍ଖ ସ୍ତ୍ରୀ ଲୋକ ବୋଲି । ଏହା ତାର ମନର ଭ୍ରାନ୍ତି ହୋଇଥିବ । କିନ୍ତୁ ଯାହାକୁ ଅଲ୍ଲାଃତାଲା ଇମାନ୍‌ର ସମ୍ପତି ଦେଇ ପୁଣି ତାକୁ ମଜ୍‌ବୁତ୍ କରିଥାଏ ସେ ଏପରି ସାଂସାରିକ ବ୍ୟକ୍ତିକୁ ଜାହିଲ୍ ବୋଲି ଭାବିଥାଏ ।

ଏହିପରି ବୁର୍କିନା ଫାସୋ ଯାହା ପଶ୍ଚିମ ଆଫ୍ରିକାର ଗୋଟିଏ ଫ୍ରେନ୍‌ଚ ଭାଷା ବୋଲାଉଥିବା ରାଷ୍ଟ୍ର ଅଟେ । ସାହାରାର ନିକଟତର ବରଂ କିଛି ଭାଗ ଏଥିରେ ସାମିଲ୍ ମଧ୍ୟ ଅଛି । ଏପରି ଦୂର ଦୁରାନ୍ତ ଦେଶରେ ରହୁଥିବା ଜଣେ ବ୍ୟକ୍ତି, କେବଳ ଦୂର ଦେଶ ନୁହଁ ବରଂ ଉକ୍ତ ଦେଶର ଗୋଟିଏ ଛୋଟ କସ୍‌ବା ବା ଗ୍ରାମରେ ରହୁଥିବା ବ୍ୟକ୍ତିକୁ ଅଲ୍ଲାଃତାଲା କିପରି ପଥ ପ୍ରଦର୍ଶନ କରାଉଛନ୍ତି । ଏ ସମ୍ବନ୍ଧରେ ମୋବୋଲିଗ୍ ଇନ୍‌ଚାର୍ଯ୍ଯ ସାହେବ ଲେଖୁଛନ୍ତି ଯେ ଲେଓ (Leo) ରିଜନ୍‌ର ଗୋଟିଏ ଯମାତ ଜଣେ ବନ୍ଧୁ ସ୍ୱାଦୋ (Sawadogo) ସାହେବ ଜଲ୍‌ସା ସାଲାନା ଜର୍ମାନୀର ଶେଷ ହେବା ପରେ ଅହେମଦୀୟତ୍‌କୁ ଗ୍ରହଣ କଲେ । ସେ କହୁଛନ୍ତି ଯେ ସେ ସବୁବେଳେ ଜମାତ ଅହେମଦୀୟାର ରେଡ଼ିଓ ଶୁଣୁଥିଲେ ଏବଂ କୌଣସି ଜମାତର ଦଳ ତାଙ୍କ ଗ୍ରାମକୁ ତବ୍‌ଲିଗ୍ କରିବା ପାଇଁ ଆସୁଥିଲେ । ଗ୍ରାମର ପ୍ରତିଶାଳୀ ବ୍ୟକ୍ତି ହୋଇଥିବା ଯୋଗୁଁ କହୁଛନ୍ତି ଯେ ମୁଁ ତାଙ୍କର ବହୁତ ଧ୍ୟାନ ରଖୁଥିଲି ଏବଂ ତବ୍‌ଲିଗ୍‌ର ଆୟୋଜନ ମଧ୍ୟ କରାଉଥିଲି । ସେ ଅହେମଦୀ ନଥିଲେ । କିନ୍ତୁ ଅହେମଦୀଙ୍କର ଶୁଭାକାଂକ୍ଷୀ ଥିଲେ । କିଛିଦିନ ପରେ ମୌଲବୀମାନଙ୍କୁ ଏ ବିଷୟ ଜଣାପଡ଼ିଲା । ସେ କହୁଛନ୍ତି ଯେ ମୌଲବୀ ମୋ ପାଖକୁ ଆସିଲେ ଏବଂ କହିଲେ ଯେ ତୁମେ ଅହେମଦୀୟା ରେଡ଼ିଓ ବିଲ୍‌କୁଲ୍ ଶୁଣିବ ନାହିଁ ଏବଂ ତାଙ୍କ ସହିତ ମିଳାମିଶା କରିବ ନାହିଁ । କାରଣ ଇଏ ତୁମର ଇସ୍‌ଲାମ୍‌କୁ ନଷ୍ଟ କରିଦେବେ । ସେ କହୁଛନ୍ତି ଯେ ମୌଲବୀମାନଙ୍କର କଥା ଅନୁସାରେ ମୁଁ ଅହେମଦୀଙ୍କ ସହିତ ମିଳାମିଶା କରିବା ଛାଡ଼ିଦେଲି ଏବଂ ଅହେମଦୀୟା ରେଡ଼ିଓ ଶୁଣିବା ମଧ୍ୟ ବନ୍ଦ୍ କରିଦେଲି । କିଛି ଦିନ ପରେ ଅଚାନକ ଏପରି ଘଟଣା ଘଟିଲା ଯେ ଗୋଟିଏ ସଫର୍‌ରୁ ମୁଁ ଫେରୁଥିଲି । ସେ ସମୟରେ ନମାଜ ପଢ଼ିବା ପାଇଁ ଗୋଟିଏ ମସ୍‌ଜିଦ୍ ନିକଟରେ ରହିଲି । ଏହା ଗୋଟିଏ ଛୋଟିଆ ଗ୍ରାମ ଥିଲା ଏବଂ ସେଥିରେ ଗୋଟିଏ ମସ୍‌ଜିଦ୍ ମଧ୍ୟ ଥିଲା । ନମାଜ ଆରମ୍ଭ ହୋଇଯାଇଥିବାରୁ ମୁଁ ଶିଘ୍ର ଶିଘ୍ର ଓ୍ୱଜୁ କରିବାକୁ ଲାଗିଲି । ଏହି ସମୟରେ ଆଉଜଣେ ମସ୍‌ଜିଦ୍‌ରେ ଦାଖଲ ହୋଇ କହିଲେ ଯେ ଏହା ଅହେମଦୀମାନଙ୍କର ଗ୍ରାମ ଅଟେ ଏବଂ ଏହି ମସ୍‌ଜିଦ୍ ମଧ୍ୟ ଅହେମଦୀମାନଙ୍କର ଅଟେ । ସେ କହୁଛନ୍ତି ଏହା ଶୁଣି ମୁଁ ଭାବିଲି ଯେ ମୁଁ କେଉଁ ଯାଗାରେ ଫସି ଯାଇଛି । ମୁଁ ତ ବହୁତ ଦିନରୁ ତାଙ୍କୁ (Avoid) କରୁଥିଲି । ପୁଣି ମୁଁ ଧିରେ ଧିରେ ଓ୍ୱଜୁ କରିବାକୁ ଲାଗିଲି ଯଦ୍ୱାରା ନମାଜ ଶେଷ ହୋଇଯାଉ ଆଉ ମୁଁ ଅଲଗା ନମାଜ ପଢ଼ିନେବି । ଯାହାହେଉ ତାଙ୍କୁ ସେଠି ନମାଜ ପଢ଼ିବାକୁ ପଡ଼ିଲା । ଅଲ୍ଲାଃତାଲା ତାଙ୍କର କୌଣସି ପୁଣ୍ୟକୁ ପସନ୍ଦ କରିଥିଲେ ବୋଧେ । ଯଦ୍ୱାରା କୌଣସି ମତେ ତାଙ୍କୁ ଆମ ମସ୍‌ଜିଦ୍‌ରେ ନମାଜ ପଢ଼ିବାକୁ ହେଲା । ଯାହାହେଉ ସେ କହୁଛନ୍ତି ଉକ୍ତ ରାତିରେ ସ୍ୱପ୍ନରେ ଦେଖିଲି ଯେ ଗୋଟିଏ ବହୁତ ବଡ଼ ଲୋକ ଗହଳି ଅଛି ଆଉ ମୁଁ ଲୋକଙ୍କ ଭିଡ଼ ଭିତରେ ଲୋକମାନଙ୍କୁ ପାଖେଇ ଆଗକୁ ଯାଇ ଦେଖୁଛି ଯେ ସେଠି ଗୋଟିଏ ଲୋକ ଛିଡ଼ା ହୋଇଛି ଏବଂ ହଜାର ହଜାର ଲୋକ ତାଙ୍କ ଚାରି ପାଖରେ ଘେରି ରହିଛନ୍ତି । ମୁଁ ଜଣକୁ ପଚାରୁଛି ଯେ ଏ ଲୋକ ଜଣକ କିଏ ଯାହାଙ୍କ ଚତୁଃପାର୍ଶ୍ୱରେ ଲୋକ ଘେରି ରହିଛନ୍ତି । ଉତରରେ ସେ ଲୋକଜଣକ କହିଲେ ଏ ବ୍ୟକ୍ତି ଜଣକ ସେ ଅଟନ୍ତି ଯାହାଙ୍କ କଥା ତୁମେ ଶୁଣିବା ଉଚିତ୍ । କିନ୍ତୁ ମୌଲବୀମାନେ ତୁମକୁ ଅସଲ ରାସ୍ତାରୁ ହଟାଇ ଦେଇଛନ୍ତି । ସେ କହୁଛନ୍ତି ସେହି ସମୟରେ ମୋ ଆଖି ଖୋଲିଗଲା । ମୋ ଉପରେ ସେହି ସ୍ୱପ୍ନର ଏପରି ପ୍ରଭାବ ହେଲା ଯେ ମୁଁ ଅହେମଦୀଙ୍କ ସଙ୍ଗେ ପୁନର୍ବାର ସମ୍ପର୍କ ଯୋଡ଼ିନେଲି । ପୁଣି ମୁଁ ଦିନେ ମିସନ୍ ହାଉସ୍ ଫୋନ୍ କରି ମୁରବୀ ସାହେବଙ୍କୁ କହିଲି ଯେ ମୁଁ ବୟତ୍ କରିବାକୁ ଚାହୁଁଛି । ମୁରବୀ ସାହେବ୍ କହିଲେ ଯେ ଅମୁକ ଦିନ ମିଶନ୍ ହାଉସ୍ ଆସିଯାଅ । ସେ କହୁଛନ୍ତି ଯେ ଯେତେବେଳେ ମୁଁ ଧାର୍ଯ୍ୟ ଦିନ ମିଶନ୍ ହାଉସ୍‌ରେ ପହଂଚିଲି ସେଠି ସବୁ ଲୋକ ଟି.ଭି.ରେ କିଛି ଦେଖୁଥିଲେ । ସେ କହୁଛନ୍ତି ଯେ ମୁଁ ମଧ୍ୟ ଆଗକୁ ବଢ଼ି ଟି.ଭି. ଦେଖିଲି । ସେତେବେଳେ ସେହି ଦୃଶ୍ୟକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାରଣ ଟି.ଭି. ଉପରେ ବିଲ୍‌କୁଲ୍ ସେହି ଦୃଶ୍ୟ ଥିଲା ଯାହା ମୁଁ ସ୍ୱପ୍ନରେ ଦେଖିଥିଲି । ମୁଁ ପଚାରିବା ଦ୍ୱାରା ମୁରବୀ ସାହେବ୍ ମୋତେ ବତାଇଲେ ଯେ ଏହା ଜଲ୍‌ସା ସାଲାନାର ଶେଷ ତକ୍‌ରିବ୍(ଉତ୍ସବ) ଅଟେ ଏବଂ ଆମ ଖଲିଫା ସେଥିରେ ଭାଷଣ ଦେଉଛନ୍ତି । ଏହା ଶୁଣି ମୁଁ ମୁରବୀ ସାହେବଙ୍କୁ କହିଲି ଯେ ଯଥା ଶିଘ୍ର ମୋର ବୟତ ନେଇନିଅ । ସେ କହୁଛନ୍ତି ଅଲ୍ଲାଃଙ୍କ ରାଣ ଏହି ଦୃଶ୍ୟ ଏବଂ ଏହି ବ୍ୟକ୍ତିଙ୍କୁ ମୁଁ ସ୍ୱପ୍ନରେ ଦେଖିଥିଲି । ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ବ୍ୟକ୍ତି ଜଣକ ନିଜ କୁଟୁମ୍ବ ସହିତ ଅହେମଦୀ ହୋଇଯାଇଛନ୍ତି ଏବଂ ଗ୍ରାମର ଅନେକ ଲୋକଙ୍କୁ ମଧ୍ୟ ତବ୍‌ଲିଗ୍ କରୁଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ ଏଭଳି ଅଭିଜ୍ଞତା ଓ ଅଲ୍ଲାଃଙ୍କ ମାର୍ଗ ଦର୍ଶନ ଯାହାକୁ ପ୍ରାପ୍ତ ହୋଇଯାଏ, ନିଶ୍ଚିତ ରୂପେ ତାହାର ବିଶ୍ୱାସ ମଜବୁତ ହୋଇଥାଏ । ମୋତେ ଅନେକ ଲୋକ ପତ୍ର ଲେଖି ଜଣାଇଥାନ୍ତି କି କିଭଳି ସେମାନେ ଅଲ୍ଲାଃଙ୍କ ନିଦର୍ଶନ ଦେଖି ବୟତ କଲେ ଏବଂ ବର୍ତମାନ ସେମାନଙ୍କ ବିଶ୍ୱାସକୁ କେହି ଆନ୍ଦୋଳିତ କରିପାରିବେ ନାହିଁ । ତେଣୁ ବର୍ତମାନ ଆମ୍ଭକୁ କୌଣସି ପ୍ରମାଣର ଆବଶ୍ୟକତା ନାହିଁ । କିନ୍ତୁ କେତେକ ଲୋକ ବିରୁଦ୍ଧାଚରଣରେ ଏଭଳି କଠୋର ହୋଇଥାନ୍ତି କି କୌଣସି କଥା ଶୁଣିବା ପାଇଁ ପ୍ରସ୍ତୁତ ନଥାନ୍ତି । ପୁଣି କେତେକ ଲୋକ ଏପରିଥାନ୍ତି ଯାହାଙ୍କ ମଧ୍ୟରେ ଅହଂଭାବ ନଥାଏ, ସେମାନଙ୍କ ଭିତରେ ମାନବିକତା ଥାଏ । ଏପରି ଲୋକଙ୍କୁ ଅଲ୍ଲାଃ ସତ୍‌ମାର୍ଗ ପ୍ରଦର୍ଶନ କରିଥାନ୍ତି । ଯଦି ସେମାନେ ଉକ୍ତ ମାର୍ଗକୁ ଗ୍ରହଣ କରିନିଅନ୍ତି, ତେବେ ଅଲ୍ଲାଃତାଲାଙ୍କ (ବିଶେଷ) କୃପାର ଭାଗୀଦାରି ହୋଇଥାନ୍ତି ।

ଏହିପରି ଗୋଟିଏ ଘଟଣା ଶିରିୟା ଦେଶର ଜଣେ ବ୍ୟକ୍ତି ଅହେମଦ ସାହେବଙ୍କର ଅଟେ । ପ୍ରଥମେ ତ ସେ ବିରୁଦ୍ଧାଚରଣରେ ବେଶ୍ ଆଗରେ ଥିଲେ । କିନ୍ତୁ ସତ୍ୟର ସନ୍ଧାନ ପାଇବା ନିମନ୍ତେ ଅଲ୍ଲାଃଙ୍କ ନିକଟରୁ ମାର୍ଗ ଦର୍ଶନ ପାଇବା ପ୍ରତି ତାଙ୍କର ଧ୍ୟାନ କେନ୍ଦ୍ରିତ ହେଲା । ସେ କୁହନ୍ତି କିଛି ଅହେମଦିଙ୍କ ସହ ମୋର ବନ୍ଧୁତା ଓ ବସାଉଠା ଥିଲା । ଏପରିକି ସେମାନେ ମୋ ଘରକୁ ମଧ୍ୟ ଆସିଥାନ୍ତି । ମୁଁ ସେମାନଙ୍କର ଅନେକ କଥାରେ ଏକମତ ଥିଲି କିନ୍ତୁ ଓ୍ୱଫାତେ ମସିହ ବିଷୟରେ ଆସି ଅଟକି ଯାଉଥିଲି । ଏଥିପାଇଁ କି ମୁଁ ଦୀର୍ଘ ସମୟ ହେଲା ମସିହଙ୍କ ଅବତିର୍ଣ୍ଣ ହେବା ଅପେକ୍ଷାରେ ଥିଲି । ମୋର ବିଶ୍ୱାସ ଥିଲା କି ସେ ଅବତିର୍ଣ୍ଣ ହେବେ ଏବଂ ମୁଁ ତାଙ୍କ ସୌନିକମାନଙ୍କ ମଧ୍ୟରେ ସାମିଲ ହୋଇ ବୟତୁଲ୍ ମୁକଦ୍ଦସ୍‌କୁ ସ୍ୱାଧୀନ କରିବି । କିନ୍ତୁ ମସିହଙ୍କର ମୃତ୍ୟୁବରଣ କରିବା କଥା ଶୁଣିବା ମାତ୍ରେ ମୋର ଜେହାଦ୍ କରିବା ଚିନ୍ତାଧାରା ଭାଙ୍ଗି ଚୁରମାର ହୋଇଯାଏ ଏବଂ ମୁଁ (ଚିନ୍ତା କରେ) ଯଦି ମସିହ ଆକାଶରୁ ଅବତିର୍ଣ୍ଣ ନହୁଅନ୍ତି ତେବେ ମୁଁ ଜେହାଦ୍ କିଭଳି କରିବି ? ସେ କୁହନ୍ତି ଏକଦା ମୋ ଘରେ କେତେକ ଅହେମଦି ବନ୍ଧୁ ବସିଥିଲେ । ସେମାନଙ୍କ ମଧ୍ୟରେ ମୋତଜଲ୍ କଜାକ୍ ସାହେବ ମଧ୍ୟ ଥିଲେ । ସେତେବେଳେ ସେମାନେ ଓ୍ୱଫାତେ ମସିହ ସମ୍ବନ୍ଧରେ ଚର୍ଚ୍ଚା କରିବା ଆରମ୍ଭ କରିଦେବାରୁ ମୁଁ କହିଲି ଆପଣମାନଙ୍କୁ ମୋର ଅନୁରୋଧ ଆଜିଠାରୁ ଆପଣମାନେ କଦାପି ଏହି ବିଷୟରେ (ଏଠାରେ) ଚର୍ଚ୍ଚା କରିବେ ନାହିଁ । ଏଥିରେ କଜକ୍ ସାହେବ କହିଲେ ମୋର ମଧ୍ୟ ଆପଣଙ୍କୁ ଗୋଟିଏ ନିବେଦନ କି ଆପଣ ଏଥିସମ୍ବନ୍ଧରେ ଅଲ୍ଲାଃଙ୍କଠାରୁ ମାର୍ଗ ଦର୍ଶନ ନିମନ୍ତେ ପ୍ରାର୍ଥନା କରନ୍ତୁ । ସେ କୁହନ୍ତି ତାଙ୍କର ଏହି କଥା ମୋତେ ବେଶ୍ ପସନ୍ଦ ଆସିଲା ଏବଂ ମୁଁ ସେହି ଦିନ ସନ୍ଧ୍ୟାରୁ ଅଲ୍ଲାଃଙ୍କ ଶରଣାଗତ ହୋଇ କାନ୍ଦିକାନ୍ଦି ଦୁଆ କରିବା ଆରମ୍ଭ କରିଦେଲି । ରାତିରେ ସୟନ ଅବସ୍ଥାରେ କଣ ଦେଖିଲି କି ମୁଁ ଏକ ଉଚ୍ଚ ସ୍ଥାନ ଅଭିମୁଖେ ଯାତ୍ରା କରୁଅଛି । ଯାତ୍ରା ମଝିରେ ଏକ ନରମ ଭୂମି ଅତିକ୍ରମ କରିବାକୁ ପଡୁଛି । ଯେଉଁଥିରେ ଗୋଡ଼ ରଖିବା ମାତ୍ରେ ମନେ ହେଉଛି ଯେମିତି ମୁଁ ତଳକୁ ତଳ ଧସି ହୋଇଯାଉଛି । ଏତିକି ବେଳେ କେହି ଜଣେ ମୋ କାନ୍ଧକୁ ଧରି ସେଠାରୁ ଟାଣି ଆଣୁଛନ୍ତି ଏବଂ ମୋତେ କହୁଛନ୍ତି– ଅବୁ ହସନ ଏଠାକୁ କଦାପି ପୁନର୍ବାର ଆସିବ ନାହିଁ ଏବଂ ବିଶ୍ୱାସ କର ହଜରତ ଈଶା ମୃତ୍ୟୁ ବରଣ କରିସାରିଛନ୍ତି । ତାପରେ ସେ କହିଲେ କି ବର୍ତମାନ ଆଗକୁ ବଢ । ନିଦ୍ରାରୁ ଉଠିବା କ୍ଷଣି ମୁଁ ଅହେମଦି ବନ୍ଧୁଙ୍କୁ ଫୋନ କଲି କି ମୁଁ କଜାକ୍ ସାହେବଙ୍କ ସହ

ସାକ୍ଷାତ କରିବାକୁ ଚାହେଁ ଏବଂ ସେ ମୋତେ ନିଜ ସହିତ ତାଙ୍କ ଘରକୁ ନେଇଗଲେ । ସେଠାରେ ପ୍ରବେଶ କରିବା ମାତ୍ରେ କାନ୍ଥରେ ଟଙ୍ଗାଯାଇ ଥିବା ଫଟୋ ଦେଖି ମୁଁ ସ୍ତବ୍ଧ ରହିଗଲି । ତାଙ୍କୁ ଉକ୍ତ ଫଟୋ ସଂକ୍ରାନ୍ତରେ ପଚାରିବାରୁ ସେ କହିଲେ- ଏହା ହଜରତ ମସିହ ମଉଦ ଆ.ସଙ୍କ ଫଟୋ ଅଟେ । ଏହା ଶୁଣି ମୁଁ ତାଙ୍କୁ କହିଲି ମୋର ବର୍ତ୍ତମାନ ବୟସ ନେଇ ନିଅ କାରଣ ଆଙ୍କୁ ହିଁ ମୁଁ ସ୍ୱପ୍ନରେ ଦେଖିଥିଲି ଯେ ମୋର କାନ୍ଧ ଧରି ମୋତେ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲେ ଓ ହଜରତ ଈଶାଙ୍କ ମୃତ୍ୟୁର ସମ୍ବାଦ ଦେଇଥିଲେ । ଯେପରି ମୁଁ କହିଲି ଅଲ୍ଲାଃତାଲା ବିଭିନ୍ନ ଜରିଆରେ ଦୀନ୍‌କୁ ବୁଝିବା ପାଇଁ ଏବଂ ସତ୍ୟତାକୁ ପାଇବା ପାଇଁ ରାସ୍ତା ଖୋଲିଥାଏ । ବେଳେବେଳେ ସ୍ୱପ୍ନ ଜରିଆରେ ଏବଂ ବେଳେବେଳେ ତବ୍‌ଲିଗ୍ ଜରିଆରେ ଏବଂ କେବେ କାହାକୁ ଯମାତ୍ ଅହେମଦୀୟା ତରଫରୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଉପରେ କୌଣସି ପୁସ୍ତକ ବା ଲିଟେରେଚର୍ ମିଳିବା ଦ୍ୱାରା ତାକୁ ପଢ଼ିକରି କେବେ କେହି କୌଣସି ଅହେମଦୀଙ୍କ ଚରିତ୍ରରୁ ପ୍ରଭାବିତ ହୋଇ ଅହେମଦୀୟତ ଏବଂ ହକିକି ଇସ୍‌ଲାମ୍ ଗ୍ରହଣ କରିଥାନ୍ତି । ଆଜିକାଲି M.T.A ମାଧ୍ୟମରେ ଅନେକ ଲୋକ ପ୍ରକୃତ ଇସଲାମ ଅର୍ଥାତ ଅହେମଦିୟତ୍‌ର ସନ୍ଧାନ ପାଇ ଏଥିରେ ଅନ୍ତର୍ଭୁକ୍ତ ହେଉଛନ୍ତି ।

ବେନିନ୍‌ର ମୁବଲିଗ୍ ସାହେବ ଲେଖିଛନ୍ତି ଏଠାକାର ଗୋଟିଏ ଅଂଚଳର ମୁଖିଆ ଯେ କି ଅନେକଶ୍ୱରବାଦୀ ଥିଲେ । ତାଙ୍କୁ ଅହେମଦିୟତର ଶିକ୍ଷା ସହ ଅବଗତ କରାଇବାରୁ ସେ ସେଥି ମୁତାବକ ଅମଳ କରିବା ଆରମ୍ଭ କରିଦେଲେ । ତାଙ୍କ ଅଂଚଳରେ ଗୋଟିଏ ମସଜିଦ୍‌ର ଉଦଘାଟନ ଉତ୍ସବରେ ସେ ଯାହା କହିଲେ ତାଙ୍କରି ଭାଷାରେ ଶୁଣନ୍ତୁ । ସେ କହିଲେ- ମୁଁ ଜାଣିପାରୁ ନାହିଁ ଅଣଅହେମଦିମାନେ ଅହେମଦିମାନଙ୍କର ଏଭଳି ବିରୁଦ୍ଧାଚରଣ କାହିଁକି କରୁଛନ୍ତି ? ଆଜିର ଯୁଗରେ ଜମାଅତ ହିଁ ଇସଲାମର ବାର୍ତ୍ତା ସଂସାରର କୋଣେ କୋଣେ ପହଂଚାଉଛି । ମୁଁ ବର୍ଷେ ପୂର୍ବେ ଅନେକ ଦେବାଦେବି ପୂଜା କରୁଥିଲି ଏବଂ ଲୋକମାନଙ୍କ ନରପତି ଥିଲି । ଜମାଅତ ଅହେମଦିୟାର ମୁବଲିଗ୍ ସାହେବ ମୋର ଧାରଣା ବଦଳାଇଦେଲେ ଏବଂ ମୋତେ ଇସଲାମର ସୌନ୍ଦର୍ଯ୍ୟମୟ ରୂପ ଦେଖାଇଲେ । ଯଦ୍ୱାରା ମୁଁ ମୁସଲମାନ ହୋଇଗଲି, ଯଦି ଜମାଅତ ଖ୍ରୀଷ୍ଟଧର୍ମୀ ଓ ପିତୁଳା ପୂଜାକାରୀଙ୍କୁ ଇସଲାମରେ ଅନ୍ତର୍ଭୁକ୍ତ କରାଉଛି ତେବେ ଏଥିରେ ତୁମକୁ (ମୁସଲମାନ) କାହିଁ କଷ୍ଟ ହେଉଛି । ଏହି ମସଜିଦ୍ ସମସ୍ତ ମାନବ ଜାତି ନିମନ୍ତେ ଉନ୍ମୁକ୍ତ । ଯଦି ଅଲ୍ଲାଃଙ୍କ ଉପାସନା ନିମନ୍ତେ ଜଣେ ଖ୍ରୀଷ୍ଟଧର୍ମୀ ଏଠାକୁ ଆସେ ତେବେ ତାହା ପାଇଁ ମଧ୍ୟ କୌଣସି ପ୍ରତିବନ୍ଧ ନାହିଁ । ତୁମେମାନେ ଏହି ବିରୁଦ୍ଧାଚରଣ ଛାଡ଼ି ଜମାଅତକୁ ନିକଟରୁ ଆସି ଦେଖ । ଏଠାରେ ତୁମକୁ କେବଳ ପ୍ରେମ, ଶାନ୍ତି ଓ ଭାତୃଭାବର ଶିକ୍ଷା ମିଳିବ କାରଣ ଜମାଅତ ଅହେମଦିୟା କେବଳ ଲୋକମାନଙ୍କ ମଙ୍ଗଳ କାମନା କରିଥାଏ । ସେ କହିଲେ ମୋର ପ୍ରବଳ ଇଚ୍ଛା ଯେ, ମୁଁ ଏହି ମସଜିଦ୍ ନିକଟରେ ହିଁ ଏକ ଘର ତିଆରୀ କରିବି ଓ ଏଠାକୁ ଆସୁଥିବା ପ୍ରତ୍ୟେକ ଲୋକମାନଙ୍କୁ ଅବଗତ କରାଇବି କି ଜମାଅତ ଅହେମଦିୟା ହିଁ ପ୍ରକୃତ ଇସଲାମ ଅଟେ ।

ଗୋଟିଏ ପାଶ୍ୱରେ ମୌଲବି ମୁଖିଆମାନେ ଗର୍ବ ଓ ଅହଂକାରର ବଶବର୍ତୀ ହୋଇ ଇସଲାମ ନାମରେ ବିଭ୍ରାଟ ସୃଷ୍ଟି କରିଚାଲିଛନ୍ତି । ନିଜ ସ୍ୱାର୍ଥ ପୂରଣ କରିବା ପାଇଁ ମୁସଲମାନମାନେ ହିଁ ମୁସଲମାନମାନଙ୍କର ହତ୍ୟା କରୁଛନ୍ତି । ଅନ୍ୟ ପାର୍ଶ୍ୱରେ ଅଲ୍ଲାଃତାଲାଙ୍କୁ କୌଣସି ପିତୁଳା ପୂଜାକାରୀର କୌଣସି ପୁଣ୍ୟ ପସନ୍ଦ ଆସିଥାଏ ଅବା ଅଲ୍ଲାଃଙ୍କର ସେମାନଙ୍କ ଉପରେ କୃପା ବର୍ଷଣ ହୋଇଥାଏ । ଯଦ୍ୱାରା ଅଲ୍ଲାଃ ସେମାନଙ୍କୁ ଇସଲାମୀୟ ଶିକ୍ଷା ମୁତାବକ ଅମଳ କରିବା ଓ ପ୍ରକୃତ ଇସଲାମୀୟ ଶିକ୍ଷାର ପ୍ରଚାର କରିବା ଓ ବିଭ୍ରାଟକୁ ରୋକିବା ପାଇଁ ଛିଡ଼ା କରି ଦେଇଥାନ୍ତି । ମଣିଷ ଯଦି ନମ୍ର ଆଚରଣ କରେ ତେବେ ଅଲ୍ଲାଃତାଲା ତାହାକୁ ନିଜର (ବିଶେଷ) କୃପା ପ୍ରଦାନ କରିଥାନ୍ତି । କିନ୍ତୁ ଯଦି ଗର୍ବ ଓ ଅହଂକାରରେ ଆଗକୁ ବଢିଚାଲେ ତେବେ ଯେତେ ନମାଜ ପାଠ କଲେ, ଦୁଆ କଲେ, ନିଜକୁ ପୁଣ୍ୟବନ୍ତ ମନେକଲେ ତଥା ହଜ କରିଥିଲେ ମଧ୍ୟ ଅଲ୍ଲାଃଙ୍କ ନିକଟରେ ସତ୍‌ପଥ ପ୍ରାପ୍ତ ହୋଇନଥାଏ ।

ଯେତେବେଳେ ଜଣେ ହଜରତ ମସିହ ମଉଦ ଆ.ସଙ୍କ ଆନୁଗତ୍ୟ ସ୍ୱୀକାର କରି ପ୍ରକୃତ ଇସଲାମର ସ୍ୱାଦ ଚାଖିଥାଏ । ସେତେବେଳେ ସେମାନଙ୍କ ଅବସ୍ଥାରେ କିଭଳି ପରିବର୍ତନ ପରିଲକ୍ଷିତ ହୋଇଥାଏ, ଏ ସମ୍ବନ୍ଧରେ ଗୋଟିଏ ଘଟଣା କେମରୁନର ଆମ ମୁବଲିଗ୍ ସାହେବ ଲେଖିଛନ୍ତି କି ଏଠାକାର ଜଣେ ଅବସର ପ୍ରାପ୍ତ ସୌନିକ ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହେଲେ । ସେ ବେମୁନ୍ ଗୋଷ୍ଠୀର ଅଟନ୍ତି । ଯେଉଁ ଅଂଚଳର ରାଜା ଗତ ବର୍ଷ ଇଂଲଣ୍ଡର ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିଲେ, ଏଥର କେମରୁନ୍ ଗସ୍ତ ସମୟରେ ଉକ୍ତ ବ୍ୟକ୍ତିଙ୍କ ସହ ସାକ୍ଷାତ ହେଲା । ସେ କହିଲେ ମୁଁ (ଏଠାରେ) ମସଜିଦ୍ ନିର୍ମାଣ ପାଇଁ ଗୋଟିଏ ପ୍ଲଟ ଜମାଅତକୁ ଦେବାକୁ ଚାହେଁ । ମୁବଲିଗ୍ ସାହେବ ସେଠାକାର ସଦର୍ ସହ ମିସି ଉକ୍ତ ପ୍ଲଟ ଦେଖିବାକୁ ଗଲେ । ସେଠାରେ ପହଂଚି ଦେଖିଲେ କି ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲିଛି, ସେ କହିଲେ ଏଠାରେ ମୁଁ ନିଜ ଘର ତିଆରି କରୁଥିଲି କିନ୍ତୁ ମୋର (ମୃତ) ପିତା ମୋତେ ସ୍ୱପ୍ନରେ ଆସି କହିଲେ ଯେ,ଏଠାରେ ନିଜ ଘର ନୁହଁ ବରଂ ମସଜିଦ୍ ତିଆରି କର । ସୁତରାଂ ମୁଁ ନିଷ୍ପତି ନେଲି କି ଏହି ପ୍ଲଟ ଓ ନିର୍ମାଣଧିନ ବିଲ୍‌ଡ଼ିଙ୍ଗକୁ ଜମାଅତ୍ ନାମରେ କରିଦେବି । ଯଦ୍ୱାରା ଏଠାରେ ମସଜିଦ୍ ନିର୍ମାଣ ହୋଇପାରିବ । ଉକ୍ତ ପ୍ଲଟ୍‌ଟି ପାଖପାଖି ଏକ ହଜାର ମୁରବା ମିଟର (Square meter) ରେ ପରିବେଷ୍ଟିତ ଅଟେ । ସେ ଉକ୍ତ ସ୍ଥାନଟିର କାଗଜପତ୍ର ଜମାଅତ ନାମରେ କରିଦେଇଛନ୍ତି । **ଇନ୍‌ଶାଅଲ୍ଲାଃ** ଶିଘ୍ର ସେଠାରେ ମସଜିଦ୍ ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବ ।

ଆଉ ଏକ ଘଟଣା ଯାହାକି (ଆଫ୍ରିକାର) ଦୂରଦୂରାନ୍ତ ଅଂଚଳରେ ରହୁଥିବା ବ୍ୟକ୍ତ ଯେ କି ଇସଲାମର ଦରଦ ରଖୁଥିବା ଯୋଗୁଁ କିଭଳି ଅଲ୍ଲାଃତାଲା ତାଙ୍କ ଦୁଆ ସ୍ୱୀକାର କଲେ ଏବଂ ସେଠାରେ ପ୍ରକୃତ ଇସଲାମକୁ ପ୍ରତିଷ୍ଠା କରିବା ନିମନ୍ତେ ଆମ ମୁବଲିଗ୍‌ଙ୍କୁ ନେଇ ପହଂଚାଇଦେଲେ ଶୁଣନ୍ତୁ । ଆଇଭ୍ରିକୋଷ୍ଟର ଜଣେ ମୌଲିମ୍ ଲେଖିଛନ୍ତି ଏଠାରେ ଅବସ୍ଥିତ ଅବନଙ୍ଗ୍ରୋ ଅଂଚଳର ବହୁ ଦୂରରେ ଥିବା ଏକ ଗ୍ରାମ ଯାଓ୍ୱକୋରୋର ଶ୍ରୀମାନ ସଇଦୋ ସାହେବ କୁହନ୍ତି ଆମ ଗ୍ରାମରେ ଇସଲାମ ମୋ ଦଦାଙ୍କ ମାଧ୍ୟମରେ ଆସିଥିଲା କିନ୍ତୁ ଧିରେ ଧିରେ ଲୋକମାନେ ଇସଲାମରୁ ଦୂରକୁ ଚାଲିଲେ । ଏପରିକି ନାମକୁ ମାତ୍ର ମୁସଲମାନ ହୋଇ ରହିଗଲେ । ସଇଦୋ ସାହେବ କୁହନ୍ତି ମୁଁ ଅଧିକାଂଶ ସମୟ ଏହି ଦୁଆ କରେ କି ହେ ଅଲ୍ଲାଃ ! ଏପରି କିଛି ବ୍ୟବସ୍ଥା କର ଯଦ୍ୱାରା ସମସ୍ତ ଗ୍ରାମବାସୀ ପ୍ରକୃତ ଇସଲାମର ଶିକ୍ଷା ମୁତାବକ ଅମଳ କରିବା ଆରମ୍ଭ କରିଦେବେ । ୨୦୧୬ ମସିହାର ପବିତ୍ର ରମଜାନ ମାସ ପ୍ରାରମ୍ଭରେ ମୁଁ ଏହି ଦୁଆ ବେଶ୍ ଦରଦର ସହ କରି କାନ୍ଦି ପଡ଼ିଲି । ଫଳରେ ତାହାର ଦିନେ ଦୁଇଦିନ ପରେ ଜମାଅତ ଅହେମଦିୟାର ମୁବଲିଗ୍ ସାହେବ ଆମ ଗ୍ରାମରେ ଆସି ପହଂଚିଲେ ଏବଂ ଜମାଅତ ସହ ଆମକୁ ଅବଗତ କରାଇଲେ । ଏହି ଘଟଣା ମୋ ପାଇଁ ବିଶ୍ୱାସ ବର୍ଦ୍ଧକ ଥିଲା କି ଏତେ ଦୂରରେ ଅବସ୍ଥିତ ଆମର ଏହି ଗ୍ରାମକୁ ମଧ୍ୟ କେହି ଅଲ୍ଲାଃଙ୍କ ବାର୍ତା ନେଇ ଇସଲାମକୁ ପୁନର୍ଜୀବିତ କରିବା ନିମନ୍ତେ ଆସିଛନ୍ତି । ମୁବଲିଗ୍ ସାହେବଙ୍କ ଏହି ଗସ୍ତରେ ଗ୍ରାମର ୫୫ଜଣ ସଦସ୍ୟ ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହୋଇଗଲେ ଏବଂ ଏପରି ଜମାଅତ ଅହେମଦିୟା ଯୋଗୁଁ ଆଜି ଆମେ ଇସଲାମର ପ୍ରକୃତ ଶିକ୍ଷା ମୁତାବକ ଅମଳ କରୁଅଛୁ ।

ହଜୁର ଅନଓ୍ୱର ଅ.ବ କହିଲେ- ଚିନ୍ତାକର ଗୋଟିଏ ପାର୍ଶ୍ୱରେ ବିକଶିତ ରାଷ୍ଟ୍ରମାନଙ୍କରେ ରହୁଥିବା ଲୋକେ ଧର୍ମ ଛାଡ଼ି ସାଂସାରିକ ଭୋଗବିଳାସ ହାସଲ କରିବା ପଛରେ ମାତିଛନ୍ତି । ଅନ୍ୟ ପାର୍ଶ୍ୱରେ ଆଫ୍ରିକାର ଦୂରଦୂରାନ୍ତର ଅଂଚଳର ଏକ ଗ୍ରାମରେ ରହୁଥିବା ବ୍ୟକ୍ତି ଯାହାଙ୍କ ଗ୍ରାମକୁ ପକା ସଡ଼କଟିଏ ମଧ୍ୟ ନାହିଁ ଏବଂ ଏହି ବିକଶିତ ଯୁଗରେ ବିଳାଶମୟ ଆସବାବପତ୍ର ପାଇବା ତ ଦୂରର କଥା ମୌଳିକ ସୁବିଧା ସୁଯୋଗରୁ ମଧ୍ୟ ବଂଚିତ ରହିଛନ୍ତି । କିନ୍ତୁ ହୃଦୟରେ ବେଦନା ରହିଛି କି ଏହି ଅଂଚଳରୁ ଇସଲାମ ଶେଷ ହେବାକୁ ବସିଛି ଏବଂ ସେଥିପାଇଁ ବିଚଳିତ ହୋଇ ଦୁଆ କରୁଛନ୍ତି କି କାହାରିକୁ ଏଠାକୁ ପଠାଅ ଯେ ପ୍ରକୃତ ଇସଲାମକୁ ପୁନଃ ପ୍ରତିଷ୍ଠା କରିଦେବ । ପୁଣି ଅଲ୍ଲାଃଙ୍କ ବିଧାନ ଦେଖ ମସିହ ମହମ୍ମଦିଙ୍କର ଏକ ଦାସ ସେଠାରେ ଯାଇ ପହଂଚି ଇସଲାମର ବାର୍ତା ପହଁଚାଉଛନ୍ତି । ଆଜି ଯଦି ସଂସାରବାସୀଙ୍କୁ କେହି ପ୍ରକୃତ ଇସଲାମ ସହ ଅବଗତ କରାଇ ପାରିବେ ତେବେ ସେମାନେ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀମାନେ ଅଟନ୍ତି ଯେ, ଆପଣଙ୍କ ମାଧ୍ୟମରେ ପ୍ରକୃତ ଇସଲାମକୁ ଚିହ୍ନିପାରିଲେ ।

ସୁତରାଂ ଆମ୍ଭ ସମସ୍ତଙ୍କର କର୍ତବ୍ୟ ଯେ, ଆମ୍ଭେ ଦର୍ଦର ସହ ପ୍ରକୃତ

ଇସଲାମୀୟ ଶିକ୍ଷା ସହ ସଂସାରବାସୀଙ୍କୁ ଅବଗତ କରାଇବା ସହିତ ଦୁଆ ମଧ୍ୟ କରଚାଲିବା । ଏମିତି କହିବାକୁ ଗଲେ ସଂସାରରେ ଅନେକ ବିଭାଗ, ଅନୁଷ୍ଠାନ, ଗୋଷ୍ଠୀ ଯେ କି ଇସଲାମର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟରତ ତବଲିଗ୍ ଜମାଅତ (ଗୋଷ୍ଠୀ) ମଧ୍ୟ ରହିଛି କିନ୍ତୁ ପ୍ରତ୍ୟେକ ନିଜ ନିଜ ସ୍ୱାର୍ଥ ହାସଲ ପଛରେ ବ୍ୟସ୍ତ । ପରସ୍ପରର ବିରୁଦ୍ଧାଚରଣ ଓ ପରସ୍ପରକୁ କାଫିରର ଫତଓ୍ୱା ଦେବାରେ ଧ୍ୟାନମଗ୍ନ ଥିବା ଲୋକେ ଇସଲାମର କଣ ସେବା କରିବେ । ଆଜିର ସମୟରେ ଇସଲାମର ବାର୍ତ୍ତା ପହଂଚାଇବା ମସିହ ମହମ୍ମଦିଙ୍କ ଦାସମାନଙ୍କର ଅଟେ । ପୁଣି ଆମ୍ଭର କାର୍ଯ୍ୟ ମଧ୍ୟ ଅଲ୍ଲାଃ ସ୍ୱୟଂ ସହଜ କରିଦେଉଛନ୍ତି । କାହାରିକୁ ସ୍ୱପ୍ନ ମାଧ୍ୟମରେ ତ କାହାରିକୁ ଅନ୍ୟ କୌଣସି ମାଧ୍ୟମରେ ସତ୍‌ପଥ ଦେଖାଇ ଦେଉଛନ୍ତି । ଅତଏବ ଯଦି ଆମ୍ଭକୁ ବୟତ କରିବାର କର୍ତ୍ତବ୍ୟ ସମ୍ପାଦନ କରିବାର ଅଛି ତେବେ ଆମ୍ଭକୁ ହଜରତ ମସିହ ମଉଦ ଆ.ସଙ୍କ ସାହାର୍ଯ୍ୟକାରୀ ହେବା ପାଇଁ ଚେଷ୍ଟା କରିବା ଉଚିତ୍ । ବୟତ କରିବା ପରେ ଆମ୍ଭକୁ କିପରି ହେବା ଉଚିତ୍ ଅର୍ଥାତ କିପରି ଅମଲ କରିବା ସେଥି ସମ୍ବନ୍ଧରେ ହଜୁର ଆ.ସ କୁହନ୍ତି-

ପାରମ୍ପରିକ ବୟତରେ କୌଣସି ଉପକାର ସାଧିତ ହୋଇନଥାଏ । ପ୍ରକୃତ ବୟତର ଭାଗୀଦାର ହେବା କଷ୍ଟକର । ବୟତର ପ୍ରକୃତ ଭାଗୀଦାର ସେତେବେଳେ ହେବ ଯେତେବେଳେ ନିଜ ଅସ୍ତିତ୍ୱକୁ ଧୂଳିସାତ କରି ପ୍ରେମ ଓ ନିଷ୍ଠାପରତାର ସହ ନିଜ ଧର୍ମଗୁରୁଙ୍କ ସହିତ ଯୋଡ଼ି ହୋଇଯିବା । ଦେଖ ମୁନାଫିକ୍ (ଅମାନ୍ୟକାରୀ) ହଜରତ ମହମ୍ମଦ ସ.ଆଙ୍କ ସହ ସଚ୍ଚୋଟ ସମ୍ପର୍କ ନରଖିବା ଯୋଗୁଁ ଶେଷରେ ବିଶ୍ୱାସଘାତୀ କୁହାଇଲେ । ସେମାନଙ୍କ ମଧ୍ୟରେ ପ୍ରକୃତ ନିଷ୍ଠା ଓ ପ୍ରେମ ଉତ୍ପନ୍ନ ହେଇପାରିଲା ନାହିଁ । ଲୋକ ଦେଖାଣିଆ **ଲାଇଲାହା ଇଲଲ୍ଲାଃ** ସେମାନଙ୍କର କୌଣସି ଉପକାର ସାଧିତ କଲା ନାହିଁ । ସୁତରାଂ ସମ୍ପର୍କକୁ ମଜବୁତ କରିବା ଆବଶ୍ୟକ ଏବଂ ଯେପର୍ଯ୍ୟନ୍ତ ସମ୍ଭବ ନିଜ ଆଧାତ୍ମିକ ଗୁରୁ ସଦୃଶ ହେବାକୁ ଚେଷ୍ଟା କରିବା ଅର୍ଥାତ ତାହାର ମାର୍ଗ ଓ ବିଶ୍ୱାସକୁ ଅନୁଶରଣ କରିବା ଉଚିତ୍ । ଦେଖ ଜୀବନର କୌଣସି ଭରସା ନାହିଁ । ତେଣୁ ଅତି ଶିଘ୍ର ସତ୍ୟବାଦୀ ଓ ଉପାସନା କରିବା ପ୍ରତି ଢଳିଯାଅ । (ମଲ୍‌ଫୁଜାତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ଅଲ୍ଲାଃତାଲା ନୂତନ ଅହେମଦିମାନଙ୍କ ବିଶ୍ୱାସକୁ ବହୁଗୁଣିତ କରନ୍ତୁ । ବିଶ୍ୱାସ ଓ ଅମଲ କ୍ଷେତ୍ରରେ ସେମାନେ ଉନ୍ନତି କରିବା ସହିତ ବିଶ୍ୱାସର ଯେଉଁ ଆଲୋକ ଅଲ୍ଲାଃତାଲା ସେମାନଙ୍କ ହୃଦୟରେ ଉତ୍ପନ୍ନ କରିଛନ୍ତି । ସେଥିରେ ସେମାନେ ଆଗକୁ ବଢିଚାଲନ୍ତୁ । ସଇତାନ କଦାପି ସେମାନଙ୍କୁ ଭ୍ରମିତ କରିବାରେ ସଫଳ ନହେଉ । ଅଲ୍ଲାଃତାଲା ସେମାନଙ୍କ କଦମ (ବିଶ୍ୱାସରେ) ସୁଦୃଢ କରନ୍ତୁ ଏବଂ ଆମ୍ଭେ ଯେ କି ପୁରାତନ ଓ ଜନ୍ମଗତ ଅହେମଦି ଅଟୁ, ଆମ୍ଭର ବିଶ୍ୱାସକୁ ମଧ୍ୟ ବହୁଗୁଣିତ କରିବା ସହିତ ପ୍ରତ୍ୟେକ ମୁହୂର୍ତ୍ତରେ ତାହାକୁ ଉଜ୍ୱଳିତ କରିବାର ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃ ଆମ୍ଭର ନିଜ ସହ ସମ୍ପର୍କକୁ ମଧ୍ୟ ଅଭିବୃଦ୍ଧି ଘଟାନ୍ତୁ । ଆମ୍ଭେ କଦାପି କୌଣସି ନୂତନ ଅହେମଦିଙ୍କ ପାଇଁ ବିଶ୍ୱାସରେ ଟଳମଳ ହେବାର ମାଧ୍ୟମ ନସାଜୁ ବରଂ ସର୍ବଦା ସଂସାରବାସୀଙ୍କୁ ସତ୍‌ମାର୍ଗ ପ୍ରଦର୍ଶନକାରୀ ସାବ୍ୟସ୍ତ ହେଉ । ଆମ୍ଭର ପୁରୁଣା ଅହେମଦି ହେବାକୁ ନେଇ ଆନନ୍ଦିତ ହେବାର ନାହିଁ ବରଂ ବୟତର ଉଦ୍ଦେଶ୍ୟ ପୂରଣକାରୀ ହେବା ଉଚିତ୍ । ଆମର ଲକ୍ଷ ସାଂସାରିକ ଭୋଗବିଳାସ ନୁହେଁ ବରଂ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବା ଅଟେ । ଆମେ ପ୍ରକୃତ ଇସଲାମକୁ ସଂସାରରେ ବିଜୟ ଲାଭ କରିବାର ଦୃଶ୍ୟ ଦେଖିନେଉ । ଏପରି ଆମେ ସଂସାରବାସୀଙ୍କୁ ମଧ୍ୟ କହିପାରିବା ଯେ, ଯାହାକୁ ତୁମେ ବିଶ୍ୱ ପାଇଁ କ୍ଷତିକାରକ ମଣୁଅଛ, ତାହା ହିଁ ପ୍ରକୃତରେ ତୁମମାନଙ୍କ ପାଇଁ ଓ ସମଗ୍ର ବିଶ୍ୱବାସୀଙ୍କ ପାଇଁ ମୁକ୍ତିର ପଥ ଅଟେ ।

❁❁❁❁❁❁❁❁❁❁❁❁❁❁

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

❁❁❁❁❁❁❁❁❁❁❁❁❁❁

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.....

ଅଭିଯୋଗ କରିଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବରାହିନେ ଅହେମଦୀୟାର ପଚାଶ ଖଣ୍ଡ ପୁସ୍ତକ ଲେଖିବା ପାଇଁ ପ୍ରତିଶୃତି ଦେଇଥିଲେ କିନ୍ତୁ ପାଂଚଖଣ୍ଡ ଲେଖିଲେ ।

ଏହାର ଉତରରେ ହଜୁର୍ ଅନୁଓ୍ୱର କହିଲେ ହଜରତ୍ ମସିହ୍ ମଉଦ୍ ଆ:ସ ଏହାର ଉତର ଦେଇସାରିଛନ୍ତି ଯେ ଯେତେବେଳେ ପ୍ରଥମ ଚାରିଖଣ୍ଡ ପୁସ୍ତକ ଲେଖିଥିଲେ ତେବେ ତା ପରେ ଅଲ୍ଲାଃତାଲା ବାରମ୍ବାର ସ୍ୱର୍ଗବାଣୀ ଦ୍ୱାରା ଆପଣଙ୍କୁ କହିଲେ ଯେ ଆପଣ ମସିହ୍ ମଉଦ୍ ଅଟନ୍ତି । ପୁଣି ଆପଣ ଆ:ସ ଅଲ୍ଲାଃତାଲାଙ୍କ ଠାରୁ ପଥ ପ୍ରଦର୍ଶନ ପାଇ ଅବସର ମୁତାବକ ବିଭିନ୍ନ ପୁସ୍ତକ ଲେଖିବା ଆରମ୍ଭ କରିଲେ । ଏହାପରେ ପୁଣି ମୌକା ଅନୁସାରେ ଅନ୍ୟମାନଙ୍କ ସହିତ ମୁବାହିସା (ତର୍କବିତର୍କ) ଆରମ୍ଭ କଲେ । ପୁଣି ସେହି ମୁବାହିସା ମୁତାବକ ପୁସ୍ତକ ମଧ୍ୟ ଲେଖିବା ଆରମ୍ଭ କଲେ । ୮୩-୮୪ ଖଣ୍ଡ ପୁସ୍ତକ ଲେଖିଲେ । ଆରବୀରେ ମଧ୍ୟ ଲେଖିଲେ ଏବଂ ଉର୍ଦ୍ଦୁ ରେ ମଧ୍ୟ ଲେଖିଲେ । ବରାହିନେ ଅହେମଦୀୟାର ଯେଉଁ ଚାରିଖଣ୍ଡି ପୁସ୍ତକ ଲେଖିଥିଲେ ତାହା ୧୮୮୧ରୁ ନେଇ ୩-୪ ବର୍ଷ ମଧ୍ୟରେ ଲେଖିଥିଲେ । ଆପଣ ଆ:ସ ଆହୁରି ଅଧିକ ଲେଖିବା ପାଇଁ ସେତେବେଳେ ପ୍ରତିଶୃତି ଦେଇଥିଲେ ଯେତେବେଳେ ଆପଣ ଦାବି କରିନଥିଲେ ଏବଂ ଅଲ୍ଲାଃତାଲା ଆପଣଙ୍କୁ ସେହି ସ୍ଥାନ ଦେଇନଥିଲା । ଯେତେବେବେଳ ମସି ଓ ମେହେଦୀର ସ୍ଥାନ ଅଲ୍ଲାଃତାଲା ଆପଣଙ୍କୁ ଦେଲେ ଏବଂ ଅଲ୍ଲାଃତାଲା ଆପଣଙ୍କର ପଥ ପ୍ରଦର୍ଶନ କରାଇଲେ ଯେ ଅମୁକ contemporary issue ଉପରେ ଲେଖ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ମୋ ହିସାବ୍‌ରେ ଯାହା କିଛି ମୁଁ ଲେଖିଛି ତାହା ସବୁ ଏହି ଚାରିଗୋଟି ପୁସ୍ତକରେ ଆସିଯାଇଛି । ପୁଣି ପଂଚମ ଖଣ୍ଡକୁ ୧୯୦୫ ମସିହାରେ ଲେଖିଲେ ଏବଂ କହିଲେ ଯେ ଯେଉଁ ସବୁ ବିଷୟ ମୁଁ ବର୍ଣ୍ଣନା କରିଅଛି ତାହା ଏତେ ବଡ଼ ଅଛି ଯେ ଗୋଟିଏ ବିଷୟ ମୋ ଭାବନାରେ ୧୦ ଖଣ୍ଡ ପୁସ୍ତକର ସମାନ ଅଟେ । ତେବେ ଏହି ହିସାବରେ ଆମେ କହିପାରିବା ଯେ ବିଷୟ ଅନୁସାରେ ପାଂଚଖଣ୍ଡ ପଚାଶ ସହିତ ସମାନ ଅଟେ । ଅସଲ ଲକ୍ଷ୍ୟ ଏହା ଥିଲା ଯେ ଇସାୟିଅତ୍‌ର ଖିଲାଫରେ ଇସ୍‌ଲାମ୍‌ର ସୁରକ୍ଷା କରାଯିବ । ତାହା ସବୁ ଆପଣ ନିଜର ସବୁ ଲିଟେରେଚର୍‌ରେ କରିଦେଇଛନ୍ତି । ଯାହା କହିବାକୁ ଚାହୁଁଥିଲେ ତାହା କହି ଦେଇଛନ୍ତି । ପଚାଶ କଣ ତା ଯାଗାରେ ପଂଚାଅଶୀ ଖଣ୍ଡ ଲେଖିଛନ୍ତି । ଇସ୍‌ଲାମ୍‌ର ସୁରକ୍ଷା ନିମନ୍ତେ ଯାହା କିଛି ଲେଖିବାର ଥିଲା ତାହ ଆପଣ ଲେଖିଦେଲେ । ଏଥିରେ କଣ ଫରକ୍ ପଡୁଛି ତାହା ୫ ବା ୫୦ । ପ୍ରଶ୍ନ ଏହା ଯେ ସବୁକିଛି ଲେଖିଦେଲେ ଏବଂ ସେଥିରେ ସବୁକିଛି ଆସିଗଲା ।

*ଜଣେ ଯୁବକ ପ୍ରଶ୍ନ କଲେ ଯେ ବେଳେବେଳେ ନମାଜ ପଢ଼ିବା ସମୟରେ ନମାଜରୁ ଧ୍ୟାନ ଚାଲିଯାଉଛି । ଏହାର ଉତରରେ ହଜୁର୍ ଅନୁଓ୍ୱର କହିଲେ ଯଦି ତୁମର ଧ୍ୟାନ ବେଳେବେଳେ ଅପସରିଯାଏ ତେବେ ତୁମେ ବହୁତ ପୁଣ୍ୟବାନ୍ ବ୍ୟକ୍ତି ଅଟ । ମାଶାଅଲ୍ଲାଃ । ଏଥିରେ କୌଣସି କଥା ନାହିଁ କିନ୍ତୁ ପ୍ରତ୍ୟେକ ଥର ଯେବେବି ତୁମେ ନମାଜରେ ଛିଡ଼ା ହୁଅ ଏବଂ ତୁମକୁ ମନେ ପଡ଼ିଯାଏ ଯେ ଟି.ଭି.ରେ ଅମକ ପ୍ରୋଗ୍ରାମ୍ ଆସିବାର ଅଛି ଯାହାକୁ ଯାଇ ମୁଁ ଦେଖିବି ଏବଂ ବିଗତ ଅଧ୍ୟାୟ କେଉଁଠାରେ ଶେଷ ହୋଇଛି ବା କମ୍ପ୍ୟୁଟର୍‌ରେ ଅମୁକ କାମ କରିବାକୁ ହେବ ବା ମୁଣ୍ଡକୁ ବିଭ୍ରାନ୍ତିକର ଧାରଣା ଆସିଥାଏ ଏସବୁ ସବୁବେଳେ ଆସିବା ଠିକ୍ ନୁହେଁ । କିନ୍ତୁ ଯଦି ବେଳେବେଳେ ଏପରି ଭାବନା ଆସିଯାଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାର ନିରାକରଣର ରାସ୍ତା ଏପରି ଶିଖାଇଛନ୍ତି ଯେ ନମାଜର ମଝିରେ ଯେଉଁଠି ବି ତୁମକୁ ଏପରି ଭାବନା ଆସେ ଏବଂ ତୁମେ ଜାଣିନିଅ ଯେ ଏହା ମୋର ଭୁଲ୍ ଭାବନା ଅଟେ ବୋଲି ତେବେ ତୁମେ ପ୍ରଥମେ ଅଉଜୁବିଲ୍ଲାଃ ମିନଶ୍ ଶଇତାନିର୍ ରଜିମ୍ ପଢ଼ିନିଅ । ଯଦି ତୁମେ ନିୟତ ବାନ୍ଧିଛ ଏବଂ ତୁମେ ରୁକୁରେ ଯାଇନାହଁ ତେବେ ତୁମେ ପୁଣି ଦ୍ୱିତୀୟ ଥର ସେହିଠାରୁ ଆରମ୍ଭ କର । ବାରମ୍ବାର ଏହି ଦୁଆକୁ ପଢ଼ ଏବଂ ଯଦି ତୁମେ ରୁକୁରେ ଚାଲିଯାଇଛ ତେବେ ଧ୍ୟାନ କର । ଇସ୍‌ତେଗଫାର୍ କରି ଉକ୍ତ ଭାବନାରୁ ବଂଚିବା ପାଇଁ ଚେଷ୍ଟା

ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ.....

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 9-16 MAR 2017 Issue No. 10-11

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# ଜଣେ ନବ ଯୌବନ ୱ୍ୱକ୍‌ଫେ ନୌ ପିଲାକୁ ନିଜ ନମାଜର ସୁରକ୍ଷା କରିବା ଉଚିତ । ପୁଣି ଯଦି ନଫିଲ ନମାଜ ପଢ଼ିପାରୁଛ ତେବେ ଏହାଦ୍ୱାରା ଅଧିକ ଉପାସନା ମଧ୍ୟ କର । ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କର ଯେ ଅଲ୍ଲାଃତାଲା ତୁମକୁ ନିଜର ପ୍ରେମ ପ୍ରଦାନ କରନ୍ତୁ । ମିଛ କହିବା ଉଚିତ୍ ନୁହେଁ । ନ୍ୟାୟ ଉପରେ କାୟମ୍ ରହିବା ଉଚିତ୍ ।

୧୩ ଅକ୍ଟୋବର-୨୦୧୬ ଗୁରୁବାର ଦିନ କାନାଡ଼ାରେ ୱାକିଫିନେ ନୌ ପିଲାଙ୍କ ସହିତ ହଜୁର ଅ:ବଙ୍କର କ୍ଲାସ୍ ଏବଂ ହଜୁର ଅନୁଓ୍ୱରଙ୍କ ପିଲାମାନଙ୍କୁ ମୂଲ୍ୟବାନ୍ ଉପଦେଶ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅନୁମତି ନେଇ ପିଲାମାନେ ପ୍ରଶ୍ନ ପଚାରିଲେ । *ଜଣେ ନବ ଯୁବକ ୱ୍ୱକ୍‌ଫେ ନୌ ପ୍ରଶ୍ନ କଲେ ଯେ ଜଣେ ଅହେମଦୀ ୱ୍ୱକ୍‌ଫେ ନୌ ପିଲା ଯମାତ୍ ପାଇଁ କିପରି ଶ୍ରେୟଷ୍କର ବ୍ୟକ୍ତି ହୋଇପାରିବେ ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ୱ୍ୱକ୍‌ଫେନ୍ ନୌ ର ଅର୍ଥ ହେଉଛି ଯେ ତୁମର ମା' ବାପା ତୁମ ଜନ୍ମ ପୂର୍ବରୁ ତୁମକୁ ୱ୍ୱକ୍‌ଫ୍ କରିଛନ୍ତି । ଯେତେବେଳେ ତୁମେ ଜନ୍ମ ହେଲ ତା ପୂର୍ବରୁ ତୁମର ମା' ଏ ଦୁଆ କରିଛନ୍ତି ଯେ ଯିଏ ମଧ୍ୟ ଜନ୍ମ ହେବାକୁ ଅଛି ମୁଁ ତାକୁ ଦୀନ୍‌ର ଖିଦ୍‌ମତ୍ ପାଇଁ ପେସ୍ କରୁଅଛି । ଦୀନ୍‌ର ଖିଦ୍‌ମତ୍ (ସେବା) କିପରି ହୋଇପାରିବ ? ଦୀନ୍‌ର ଖିଦ୍‌ମତ୍ ତେବେ ହୋଇବ ଯେବେ ଦୀନ୍‌କୁ ଜାଣିଥିବ ଯେ ଦୀନ୍ କ'ଣ ଅଟେ । ଆମେ କିଏ ? ଆମେ କଣ ମୁସଲ୍‌ମାନ୍ ଅଟୁ ? ଜଣେ ମୁସଲ୍‌ମାନ୍ ପାଇଁ ଦୀନ୍‌ର ଗାଇଡ୍ ଲାଇନ୍ କେଉଁଠାରୁ ମିଳିପାରିବ । ତାହା ପବିତ୍ର କୋରାନ୍‌ରୁ ମିଳିପାରିବ । ପ୍ରଥମ କଥା ଏହା ଅଟେ ଯେ ୱ୍ୱକ୍‌ଫେନ୍ ନୌ ଙ୍କୁ ଏହା ଜାଣିବା ଉଚିତ୍ ଯେ ଜଣେ ଅଲ୍ଲାଃ ଅଛନ୍ତି ଯିଏ ସବୁ ଶକ୍ତିର ମାଲିକ ଅଟନ୍ତି ଏବଂ ଯିଏ ଆମକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ମୋର ଉପାସନା କର । ଜଣେ ନବ ଯୌବନ ୱ୍ୱକ୍‌ଫେ ନୌ ପିଲାକୁ ନିଜ ନମାଜର ସୁରକ୍ଷା କରିବା ଉଚିତ । ପୁଣି ଯଦି ନଫିଲ ନମାଜ ପଢ଼ିପାରୁଛ ତେବେ ଏହାଦ୍ୱାରା ଅଧିକ ଉପାସନା ମଧ୍ୟ କର । ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କର ଯେ ସେ ତୁମକୁ ନିଜର ପ୍ରେମ ପ୍ରଦାନ କରନ୍ତୁ ଏବଂ ତାର ନିର୍ଦ୍ଦେଶ ଅନୁଯାୟୀ ଚଲିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଲିବା କ'ଣ ? ପବିତ୍ର କୋରାନ୍ ଆମ ପାଇଁ ପଥ ପ୍ରଦର୍ଶକ ଅଟେ । ସେଥିରେ ବହୁତ ଗୁଡିଏ ନିର୍ଦ୍ଦେଶ ଦିଆଯାଇଛି । ଅଲ୍ଲାଃତାଲାଙ୍କ ଉପାସନା ବ୍ୟତୀତ ତୁମକୁ ଏପରି ଏକ ଜୀବନ ବିତାଇବାକୁ ହେବ ଯେ ତୁମକୁ ଲୋକମାନଙ୍କ ସେବା କରିବାକୁ ହେବ । ମିଛ କହିବାକୁ ହେବ ନାହିଁ । ନ୍ୟାୟ ଉପରେ କାୟମ୍ ରହିବାକୁ ହେବ । ଏପରି ନ୍ୟାୟ ଯଦି ତୁମକୁ ସାକ୍ଷୀ ଦେବାକୁ ପଡ଼େ ତାହେଲେ କାହାର ପରବାୟ ବିନା ସାକ୍ଷୀ ଦିଅ ।

ଯଦି ତୁମକୁ କୁହାଯାଏ ଯେ ତୁମର ଭାଇ ବା ତୁମର ଅନ୍ୟ କୌଣସି ନିକଟ ସମ୍ପର୍କୀୟର ଖିଲାଫରେ ଅଭିଯୋଗ ଅଛି ଯେ ଅମୁକ ଲୋକ ଭୁଲ୍ କାମ କରିଥିଲେ ଯେଉଁଠି ତୁମେ ମଧ୍ୟ ଉପସ୍ଥିତ ଥିଲ ତେବେ କୁହ ଯେ ଏହା କଣ ଠିକ୍ କଥା ଅଟେ ? ତୁମେ ତାଙ୍କୁ ଡ଼ରି ବା ଏଥିପାଇଁ ଯେ ସେ ମୋର ସମ୍ପର୍କୀୟ ଅଟେ, ଏହା କହିଦିଅ ଯେ ମୋତେ ଜଣା ନାହିଁ, ତେବେ ଏହା ଭୁଲ୍ ଅଟେ । ଯଦି ତୁମେ ତାଙ୍କ କଥାକୁ ନିଜେ ପ୍ରସାର କର ତେବେ ଏହା ଠିକ୍ ନୁହେଁ କିନ୍ତୁ ଯଦି ତୁମକୁ ସାକ୍ଷୀ ଦେବା ପାଇଁ ଡ଼କାଯାଏ ତେବେ ତାହାଲେ କହି ଦିଅ ପ୍ରକୃତ ସତ୍ୟ କଣ । ବହୁତ ଗୁଡିଏ ନିର୍ଦ୍ଦେଶ ଅଛି ଯାହାକୁ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଦେଇଛନ୍ତି । ତୁମେ ଭାବି ନିଅ ଯେ ୱ୍ୱକ୍‌ଫେନ୍ ନୌ କେବଳ ଗୋଟିଏ ଟାଇଟେଲ୍ ନୁହେଁ, ଦୀନ୍‌ର ଖିଦ୍‌ମତ୍‌ର ଭାବନା ହେବା ଉଚିତ୍ । ତୁମେ ଯେଉଁ ପାଠ ପଢୁଛ ଯଦି ଯମାତକୁ ଆବଶ୍ୟକ ପଡ଼ିବ ତେବେ ତୁମକୁ ଯମାତ କହିବ ଯେ ତୁମେ ଆସି ନିୟମ ପୂର୍ବକ ୱ୍ୱକ୍‌ଫ୍‌ରେ ସାମିଲ୍ ହୋଇ ଯମାତ୍‌ର କାର୍ଯ୍ୟ କର ଏବଂ ଯଦି ବର୍ତ୍ତମାନ ଆବଶ୍ୟକ ନାହିଁ ତେବେ କହିବେ ଯେ ବର୍ତ୍ତମାନ ତୁମେ ନିଜର କାମ କର । କିନ୍ତୁ ଏପରି ପରିସ୍ଥିତିରେ ୱ୍ୱକ୍‌ଫେନ୍ ନୌ ପିଲାଙ୍କୁ ବୁଝିବା ଦରକାର ଯେ ତାର ସବୁଠାରୁ ବଡ଼ କାମ ଏହା ଅଟେ ଯେ ତାକୁ ଦୀନ୍‌ର ସେବକ ହେବାକୁ ପଡ଼ିବ । ସେଥିପାଇଁ ସେ ଯେଉଁଠାରେ ରହୁ ତାକୁ ନିଜର ନମୁନା ଦେଖାଇବାକୁ ପଡ଼ିବ । ସେ ଯେଉଁ କାର୍ଯ୍ୟ କରୁନା କାହିଁକି ସେ ନିଜର ଦିନୀ ତାଲିମ୍ (ଧର୍ମୀୟ ଶିକ୍ଷା) ମୁତାବକ ଅମଲ କରିବାକୁ ହେବ ।

*ଏହା ପରେ ଜଣେ ୱ୍ୱକ୍‌ଫେନ୍ ନୌ ଖାଦିମ୍ ପ୍ରଶ୍ନ କଲେ: ଇସା ନମାଜରେ ଯଦି ତିନି ରେକାତ ଛାଡ଼ିଯାଏ ତେବେ ସେହି ତିନି ରେକାତ ପଢ଼ିବା ପାଇଁ ଦୁଇଗୋଟି ଉପାୟ ଅଛି । ଗୋଟିଏ ଏହା ଯେ ସବୁଠାରୁ ପ୍ରଥମ ରେକାତ୍‌ରେ ଛିଡ଼ା ହୁଅନ୍ତି ଏବଂ ଦ୍ୱିତୀୟରେ ବସନ୍ତି ଏବଂ ତୃତୀୟରେ ସଲାମ୍ କରନ୍ତି । ଏହାର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ଯେ ପ୍ରଶ୍ନ କରୁଛ, ତା ସହିତ ଉତର ମଧ୍ୟ ଦେଉଅଛ । ଯଦି ତୁମର ତିନି ରେକାତ ଚାଲିଯାଏ ତେବେ ପ୍ରଥମ ରେକାତରେ ତୁମେ ଛିଡ଼ାହୁଅ । ସୁରା ଫାତେହା ପରେ କୌଣସି ସୁରା ପଢ଼ ଏବଂ ପୁଣି ବସି ଯାଅ । ପ୍ରଥମ ରେକାତରେ ହିଁ ବସିଯାଅ । ପୁଣି ଛିଡ଼ା ହୋଇ ଦୁଇ ରେକାତ ପଢ଼ । ତାପରେ ସଲାମ ଫେରାଅ ।

*ଜଣେ ଯୁବକ ପ୍ରଶ୍ନ କଲେ ଭବିଷ୍ୟତରେ ଯେବେ ଅହେମଦୀ ପ୍ରଧାନମନ୍ତ୍ରୀ ହୋଇଯିବେ ତେବେ ସେ ସମୟରେ ଖିଲାଫତ୍‌ର ରାଜନିତୀ ଉପରେ କେତେ ପ୍ରଭାବ ରହିବ ? ଏହାର ଉତରରେ ହଜୁର୍ କହିଲେ ବିଭିନ୍ନ ଜାତି ଯେଉଁମାନେ ଦୀନ୍‌ରେ ସାମିଲ୍ ହେବେ, କିଏ ଆଫ୍ରିକାନ୍ ହେବ, କିଏ ୟୁରୋପିଆନ୍, କିଏ ଏସିଆନ୍ ବା ଅନ୍ୟାନ୍ୟ ଦେଶରୁ ହେବେ ତାଙ୍କ ହୁକୁମତ୍ ବିଷୟରେ ଯାହା ମାମଲା ଅଛି ସେମାନେ ନିଜର ପ୍ରଶାସନିକ କାମ କରିବେ । ଯେଉଁଠାରେ ଦୀନ୍‌ର ଗାଇଡାନ୍‌ସ ନେବାର ଆବଶ୍ୟକ ହେବ ସେ ଖିଲାଫତ୍‌ରୁ ନିଜର ଗାଇଡାନ୍‌ସ ନେବେ । ଏଥିପାଇଁ ମଧ୍ୟ ପବିତ୍ର କୋରାନ୍‌ରେ ନିର୍ଦ୍ଦେଶ ଅଛି । ଅଲ୍ଲାଃତାଲାକୁ ଜଣାଥିଲା ଯେ ଏପରି ହେବ । ସେଥିଯୋଗୁ ଅଲ୍ଲାଃତାଲା ହୁକୁମତ୍ ବାବଦରେ ମଧ୍ୟ ଗାଇଡ୍‌ଲାଇନ୍ ଦେଇଦେଇଛି ଯେ ଏହାକୁ ନ୍ୟାୟର ସହିତ ଚଲାଅ । ନିଜ ଅମାନତ୍‌ର ହକ୍ ପ୍ରଦାନ କର । ଯଦି କୌଣସି ଏକ ହୁକୁମତ୍ (ଦେଶ) ଅନ୍ୟ କୌଣସି ହୁକୁମତ୍ ଉପରେ ଜୁଲମ୍ କରୁଛି ଗୋଟିଏ ଅହେମଦୀ ହୁକୁମତ୍ ଅନ୍ୟ ପଡ଼ୋଶୀ ହୁକୁମତ୍ ଉପରେ ଆକ୍ରମଣ କରି କହୁଛି ଯେ ମୁଁ ଯୁଗ ଖଲିଫାଙ୍କ ମଧ୍ୟ କଥା ମାନିବି ନାହିଁ । ସେ ସମୟରେ ବାକି ଯେଉଁ ମୁସଲ୍‌ମାନ୍ ହୁକୁମତ୍ (ଦେଶ) ତାର ଆଖପାଖରେ ଅଛନ୍ତି ସେମାନେ ଏକତ୍ରିତ ହୋଇ ଜୁଲମ୍‌କୁ ରୋକିବା ପାଇଁ ଚେଷ୍ଟା କରିବେ । ପୁଣି ଯଦି ସେ ରୋକିଯାଏ ତେବେ କୌଣସି ଅନ୍ୟାୟ ହେବନାହିଁ । ଏକ ପ୍ରକାର ଆଧ୍ୟାତ୍ମିକ ଗାଇଡ୍‌ଲାଇନ୍ ତାଙ୍କୁ ଖିଲାଫତ୍ ଦ୍ୱାରା ମିଳିଯିବ । କିଛି ମାତ୍ରାରେ ଏହି ହୁକୁମତ୍‌କୁ ପବିତ୍ର କୋରାନ୍‌ର ନିର୍ଦ୍ଦେଶ ଅନୁଯାୟୀ ଯୁଗ ଖଲିଫାଙ୍କ କଥା ମାନିବାକୁ ହେବ ଏବଂ ଏକତ୍ରିତ ହୋଇ ଜୁଲମ୍‌କୁ ରୋକିବାକୁ ହେବ । ଯଦ୍ୱାରା ସେହି ଦେଶକୁ ଦଣ୍ଡ ମିଳିବ ଯିଏ ଜୁଲମ୍ କରୁଅଛି ।

*ଜଣେ ଯୁବକ ପ୍ରଶ୍ନ କଲେ ଯେ ଗଏର୍ ଅହେମଦୀ (ଅଣ ଅହେମଦୀ)

ଅବଶିଷ୍ଟାଂଶ ପୃଷ୍ଠା-୧୧ରେ ଦେଖନ୍ତୁ......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan